# ବାର୍ଷିକ ବିବରଣୀ




## ସ୍ୱାତୀ

ସୋସିଆଲ୍ ୱେଲଫେୟାର୍ ଏଜେନ୍ସି ଆଣ୍ଡ ଟ୍ରେନିଙ୍ଗ ଇନ୍ଷ୍ଟିଚ୍ୟୁଟ୍ (ସ୍ୱାତୀ)
ପାବୁରିଆ, କନ୍ଧମାଳ – ୭୬୨୧୧୨, ଓଡିଶା
Email: swati_pab@yahoo.co.in
Website : www.swatiodisha.org

# ସୂଚୀପତ୍ର


ସମ୍ପାଦକୀୟ ୨

ସ୍ୱାତୀ – ତେଇଶ ବର୍ଷର ବିକାଶ ଯାତ୍ରା ୩ - ୬

ପ୍ରାକୃତିକ ସଂବଳ ପରିଚାଳନା ଓ ଜୀବନଜୀବିକା ୭ - ୧୭

ଓଡିଶା ମିଲେଟ୍ ମିଶନ୍

ଓଡିଶା ବନାଂଚଳ ଉନ୍ନୟନ ପ୍ରକଳ୍ପ – ବନାୟନ

ଚାଷୀ ଉତ୍ପାଦକ କମ୍ପାନୀ

ନିର୍ଦ୍ଦିଷ୍ଟ ଅଂଚଳ ଉନ୍ନୟନ ଯୋଜନା (ଏଫ୍.ଏ.ଡି,ପି)

ସ୍ୱାସ୍ଥ୍ୟସେବା ୧୮ - ୩୨

କିଶୋର ଓ ଶିଶୁସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ - ପି.ଆର୍.ଏ.ସି.ଡି.ଆଇ.ପି

ମା ଗୃହ

ଏଚ୍.ଆ.ଭି ଓ ଏଡ୍‌ସ ନିରାକରଣ (ଟାର୍ଗେଟେଡ୍ ଇଂଟର୍‌ଭେନ୍‌ସନ୍)

ସ୍ୱୀକୃତି

ବାଇକ୍ ଆମ୍ବୁଲାନ୍ସ ଗରୁଡ

ଭ୍ରାମ୍ୟମାଣ ପ୍ରସବ ଯାନ ( ଡେଲିଭରି ଭ୍ୟାନ )

କରୋନା ଓ ମ୍ୟାଲେରିଆ ନିରାକରଣ ଗ୍ରାମ ସଂପର୍କ ଅଭିଯାନ - ଦମନ

କରୋନା ସହାୟତା ଓ ସ୍ୱାସ୍ଥ୍ୟସେବା

ମହିଳା ସଶକ୍ତିକରଣ ଓ ଶିକ୍ଷା ୩୩ - ୩୭

ମହିଳା ବିରୋଧି ହିଂସା ସଂପର୍କିତ କଲେଜ ସ୍ତରୀୟ ସଚେତନତା

ଶିଶୁ ମାନଙ୍କ ପ୍ରାକ୍ ପ୍ରାଥମିକ ଶିକ୍ଷା

ମହିଳା ମାନଙ୍କ ଆର୍ଥିକ, ସାଂଗଠନିକ ଓ ସ୍ୱାସ୍ଥ୍ୟର ବିକାଶ

ପଞ୍ଚାୟତିରାଜ ଓ ଗୋଷ୍ଠୀ ସଂଗଠନ ୩୮ - ୩୯

ଅଧ୍ୟୟନ ଓ ପ୍ରକାଶନ ୩୯

ବିଧିସମ୍ମତ ଆନୁଷ୍ଠାନିକ ତଥ୍ୟ ୪୦



# ସମ୍ପାଦକୀୟ

ଏହି ବର୍ଷଟି ସହ ସ୍ୱାତୀ ଅନୁଷ୍ଠାନ ଗୋଷ୍ଠୀ ବିକାଶରେ ୨୩ ବର୍ଷ ପୂର୍ଣ୍ଣ କରିଛି । ଚଳିତ ବର୍ଷ ସାରା ରାଜ୍ୟ ତଥା ଦେଶ ପାଇଁ ଏକ ଅଭାବି ତଥା ଆର୍ଥିକ ଦୁରାବସ୍ଥାର ବର୍ଷ । ଗତ ବର୍ଷ କରୋନା ମହାମାରୀ ଲୋକମାନଙ୍କର ଜୀବନଜୀବିକା, ରୋଜଗାର ସଂସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସଂପର୍କ ଆଦକୁ ବହୁ ମାତ୍ରାରେ ପ୍ରଭାବିତ କରିଥିବାବେଳେ ଗ୍ରାମୀଣ ଅର୍ଥନିତୀ ଭୁଷୁଡି ପଡିବାରୁ ଅଧିକ ସମସ୍ୟାର ସମ୍ମୁଖିନ ହୋଇଛନ୍ତି ଗ୍ରାମୀଣ ଗରିବ ଶ୍ରେଣୀ । କରୋନା ପରବର୍ତ୍ତୀ ସମୟରେ ସାଧାରଣ ଲୋକଙ୍କ ରୋଜଗାରରେ ସ୍ଥାୟିତ୍ୱ ଆସି ନଥିବାବେଳେ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଗୁଡିକର ମୂଲ୍ୟବୃଦ୍ଧି ଗ୍ରାମୀଣ ଜୀବନଧାରାକୁ ବହୁଳଭାବେ ପ୍ରଭାବିତ କରିଛି । ଗତ କରୋନା ସମୟରେ ସ୍ୱାତୀ ନିଜସ୍ୱ ସମ୍ବଳ ଓ ସାମର୍ଥ୍ୟକୁ ଧରି ଲୋକମାନଙ୍କର ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା ଓ ରୋଜଗାର ସୁରକ୍ଷା ଦିଗରେ ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରିଥିଲା । ଗାଁ ଗୁଡିକରେ ମନରେଗା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, କୃଷି ଓ ଉଦ୍ୟାନ ଭିତ୍ତିକ ରୋଜଗାର ସଂସ୍ଥାନକୁ ଦୃଢ କରିବା, ପଶୁପକ୍ଷୀ ପାଳନରେ ବିକାଶ, ଗ୍ରାମୀଣ ବୃତ୍ତି ବ୍ୟବସାୟରେ ଉନ୍ନତୀ କରିବାରେ ପଦକ୍ଷେପ ନେବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା, ଛାତ୍ର, ମହିଳା ଓ ଅସୁରକ୍ଷିତ ବର୍ଗଙ୍କୁ ଚାପମୁକ୍ତ ହେବା ପାଇଁ ପରାମର୍ଶ ଦେବା ଆଦି କାର୍ଯ୍ୟକ୍ରମ ଗୁଡିକ କରିଥିଲା । କରୋନା ପରବର୍ତ୍ତୀ ସମୟରେ ଗାଁ ଗୁଡିକରେ ଶତ ପ୍ରତିଶତ ଟୀକାକରଣ, ରୋଜଗାର ପାଇଁ ମନରେଗା କାର୍ଯ୍ୟ ଗୁଡିକ ସଂଯୋଜନା କରିବା ଏବଂ ପାରିବାରିକ ଖାଦ୍ୟ ଓ ପୁଷ୍ଟିର ସୁରକ୍ଷା ପାଇଁ ପନିପରିବା ଚାଷ ଓ ମାଣ୍ଡିଆ ଜାତିୟ ଫସଲ ଚାଷର ପ୍ରସାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ଚଳିତ ବର୍ଷ ଗୋଟିଏ ପଟେ କରୋନା ପ୍ରଭାବରୁ ଶିଥିଳ ହୋଇପଡିଥିବା କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ଏବଂ ଅନ୍ୟ ପଟେ ପଞ୍ଚାୟତ ନିର୍ବାଚନ ଜନିତ ଗ୍ରାମୀଣ ମତଭେଦକୁ ସମାଧାନ କରିବା କାର୍ଯ୍ୟ ବେଶ୍ କଷ୍ଟକର ଥିଲା । ତଥାପି ସ୍ୱାତୀର ଦୃଢ ଗୋଷ୍ଠୀ ସଂପର୍କ ଏବଂ ଜନସହଭାଗୀତା ଯୋଗୁଁ କାର୍ଯ୍ୟଗୁଡିକ ସୁଚାରୁରୂପେ ସଂପାଦନ ହୋଇ ପାରିଛି । ସ୍ୱାତୀ ଏବେ କନ୍ଧମାଳ, ଗଂଜାମ, ଖୋର୍ଦ୍ଧା ଓ ବୌଦ୍ଧ ଜିଲ୍ଲା ସହ ସୁବର୍ଣ୍ଣପୁର ଜିଲ୍ଲାକୁ ନିଜ କାର୍ଯ୍ୟକ୍ରମ ସଂପ୍ରସାରଣ କରିଛି । ନୀୟମିତ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ସହ ଏହା ସ୍ୱେଛାକୃତ ରକ୍ତଦାନ ଶିବିର, ବିପର୍ଯ୍ୟୟ ସହାୟତା ପାଣ୍ଠି ସଂଗ୍ରହ ଏବଂ ନାଗରୀକ ସମ୍ମାନ କାର୍ଯ୍ୟକ୍ରମ ଆଦି କରୁଛି ।

ଚଳିତ ୨୦୨୧-୨୨ ବର୍ଷର ଏହି ବାର୍ଷିକ ବିବରଣୀ ଉପସ୍ଥାପନା କରିବା ଅବସରରେ ସ୍ୱାତୀର ଏହି ବିକାଶ କାର୍ଯ୍ୟକୁ ସହାୟତା ଓ ସହଯୋଗ କରିଆସୁଥିବା ସମସ୍ତ ସରକାରୀ ବିଭାଗ, ଦାତବ୍ୟ ଅନୁଷ୍ଠାନ ଏବଂ ସହଭାଗୀ ଅନୁଷ୍ଠାନ ଯଥା – ଓଡିଶା ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି ବିକାଶ ମନ୍ତ୍ରଣାଳୟ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗ, ଉନ୍ନୟନ ମନ୍ତ୍ରଣାଳୟ, କନ୍ଧମାଳ ଜିଲ୍ଲା ପ୍ରଶାସନ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଓଡିଶା ରାଜ୍ୟ ଏଡ୍ସ ସେଲ୍, ନାବାର୍ଡ, ସେଭ୍ ଦି ଚିଲ୍ଡ୍ରେନ୍, ଚାଇଲ୍ଡ ରାଇଟ୍ ଆଣ୍ଡ ୟୁ (କ୍ରାଏ), ଏସ୍.ବି.ଆଇ.ଲାଇଫ୍, କେଆର୍, ଟାଟା ଟ୍ରଷ୍ଟ, ଡି.ଏଫ୍.ଆଇ.ଡି, ସାଥି, ଆଦିଙ୍କୁ ସେମାନଙ୍କର ସହାୟତା ଓ ଦିଗ୍‌ଦର୍ଶନ ପାଇଁ ଆମେ କୃତଜ୍ଞତା ଜଣାଉଛୁ । ଏଥିସହ ସ୍ୱାତୀ କାର୍ଯ୍ୟରେ ସାମିଲ୍ ସମସ୍ତ ଗୋଷ୍ଠୀ ସ୍ତରୀୟ ସଂଗଠନ, ନାଗରୀକ ସମାଜ ଓ ଗଣମାଧମ ପ୍ରତିନିଧି ମାନଙ୍କୁ ମଧ ଆମର ଆନ୍ତରିକ କୃତଜ୍ଞତା । ଏହି ବିବରଣୀ ଗ୍ରାମସ୍ତରରୁ ଆରମ୍ଭ କରି ବୁଦ୍ଧିଜୀବୀ ଓ ସରକାରୀ ସ୍ତର ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ସ୍ୱାତୀର ଚିନ୍ତା, ପ୍ରଚେଷ୍ଟା ଓ କାର୍ଯ୍ୟଧାରାକୁ ପରିଚିତ କରିପାରିବ ବୋଲି ଆଶା ।

ଧନ୍ୟବାଦ ସହ

**ଇଂ. ହରିଶଙ୍କର ରାଉତ**

ସଂପାଦକ, ସ୍ୱାତୀ

# ସ୍ୱାତୀ – ତେଇଶ ବର୍ଷର ବିକାଶ ଯାତ୍ରା



୧୯୯୯ ମସିହାରେ ପ୍ରତିଷ୍ଠା ହୋଇଥିଲା ସ୍ୱାତୀ । କନ୍ଧମାଳରେ ଗୋଷ୍ଠୀ ବିକାଶର ଅଭିଜ୍ଞତା ହାସଲ କରିଥିବା ଯୁବ ଇଂଜିନିୟର ଶ୍ରୀ ହରିଶଙ୍କର ରାଉତ ସାମାଜିକ କାର୍ଯ୍ୟରେ ସାମିଲ ଥିବା ନିଜର କିଛି ଯୁବ ସାଥିଙ୍କୁ ନେଇ ସ୍ୱାତୀର ମୂଳଦୂଆ ପକାଇଥିଲେ । ବିଂଶ ଶତାବ୍ଦୀର ଶେଷ ଦଶକଟି ସାମାଜିକ ଅନୁଷ୍ଠାନ ଗୁଡିକ ପାଇଁ ଏକ ପରିବର୍ତ୍ତନର ସମୟ ଥିଲା । ସ୍ୱାଧିନତା ସମୟରୁ ଗାନ୍ଧୀବାଦୀ ମାନଙ୍କ ଦ୍ୱାରା ଚାଲି ଆସୁଥିବା ସର୍ବୋଦୟୀ ଅନୁଷ୍ଠାନ ଓ କାର୍ଯ୍ୟକ୍ରମ ଗୁଡିକ ଶିଥିଳ ହୋଇ ଆସୁଥିବାବେଳେ ସମାଜସେବୀ ଅନୁଷ୍ଠାନ ଗୁଡିକ ବେସରକାରୀ ଅନୁଷ୍ଠାନ ହିସାବରେ ପରିଚିତ ହୋଇ ସାରିଥିଲେ ।

ସରକାରଙ୍କ ଦ୍ୱାରା ସରକାରୀ ଯୋଜନା ଗୁଡିକରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକୁ ସାମିଲ କରାଯିବା ଦ୍ୱାରା କାର୍ଯ୍ୟ ପରିଚାଳନାର ରୂପରେଖ ଧିରେ ଧିରେ ବଦଳୁଥିଲା ଏବଂ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ଗୁଡିକ ପରିଚାଳନା ପାଇଁ ଆର୍ଥିକ ଅନୁଦାନର ଆବଶ୍ୟକତା ବଢିଚାଲିଥିଲା । ଅନ୍ୟପକ୍ଷରେ ଗୋଷ୍ଠୀର ଆବଶ୍ୟକତାରେ ବ୍ୟାପକ ପରିବର୍ତ୍ତନ ହେବାରେ ଲାଗିଥିଲା । ମୌଳିକ ଆବଶ୍ୟକତା ଗୁଡିକ ସହ ଅଧିକାରଗତ ଏବଂ ସରକାରୀ ସୁବିଧା ସୁଯୋଗ ହାସଲ ଆଦି ଅନେକ ଆବଶ୍ୟକତା ବଢିଚାଲିଥିଲା । ଏହି ପରିପ୍ରେକ୍ଷୀରେ ଗୋଷ୍ଠୀକୁ ସଂଗଠିତ କରି ଏକ ବିକଳ୍ପ ବିକାଶ ଦିଗରେ ପରିଚାଳିତ କରିବା ପାଇଁ ଉଦାହରଣୀୟ କାର୍ଯ୍ୟ ଏବଂ ଚିନ୍ତାର ଆବଶ୍ୟକତା ବଢିଚାଲିଥିଲା ।

ନିଜର ପୂର୍ବ କାର୍ଯ୍ୟ ଅଭିଜ୍ଞତାକୁ ପୁଞ୍ଜିକରି ସ୍ଥାନୀୟ ଗୋଷ୍ଠୀ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ କିପରି ଏକ ଆତ୍ମନିର୍ଭରଶୀଳ ବିକାଶ ପରିବେଶ ସୃଷ୍ଟି କରିହେବ ଏବଂ ସ୍ଥାନୀୟ ସମ୍ବଳର ସଦୁପଯୋଗରେ ସେମାନଙ୍କ ଜୀବନଜୀବିକା ସୁଦୃଢ କରିହେବ ସେଥିନିମନ୍ତେ କାର୍ଯ୍ୟକରିବାକୁ ନିଜର ଲକ୍ଷ୍ୟ ସ୍ଥିର କଲେ ସେମାନେ । ଟିକାବାଲି ବ୍ଲକ୍‌ର ପାବୁରିଆ ପରି ଏକ ଆଭ୍ୟନ୍ତରୀଣ ଗାଁରୁ ଆରମ୍ଭ ହୋଇଥିଲା ଏହାର କାର୍ଯ୍ୟକ୍ରମ । ପ୍ରାଥମିକ ଭାବେ ଅନୁଷ୍ଠାନ ସ୍ଥାନୀୟ ଯୁବ ଗୋଷ୍ଠୀ ସହାୟତାରେ ଗ୍ରାମ୍ୟ ସଂଗଠନ ଗୁଡିକୁ ମଜଭୁତ କରିବାକୁ ଉଦ୍ୟମ ଆରମ୍ଭ କରିଥିଲା । ସ୍ୱାସ୍ଥ୍ୟସେବା ଜିଲ୍ଲାର ଏକ ପ୍ରମୁଖ ସମସ୍ୟା ହୋଇଥିବାରୁ ମ୍ୟାଲେରିଆ ଦୂରୀକରଣ ଏବଂ ସରକାରୀ ସ୍ୱାସ୍ଥ୍ୟସେବାକୁ ଲୋକମାନଙ୍କ ପାଖରେ ପହଞ୍ଚାଇଇବା ଦିଗରେ କାର୍ଯ୍ୟକରିଥିଲା । ତେବେ ଗ୍ରାମ୍ୟ ଗୋଷ୍ଠୀର ବିକାଶରେ ସ୍ଥାନୀୟ ସମ୍ବଳର ସଦୁପଯୋଗ ଏବଂ ସରକାରୀ କାର୍ଯ୍ୟକ୍ରମ ଗୁଡିକର ସଫଳ ରୂପାୟନ ହିଁ ମୁଖ୍ୟ



ବୋଲି ବିଚାର କରି ଏହ ସରକାରୀ କାର୍ଯ୍ୟକ୍ରମ ଗୁଡିକର ଗ୍ରାମ୍ୟସ୍ତରରେ ସୁପରିଚାଳନାରେ ଧ୍ୟାନ କେନ୍ଦ୍ରିଭୂତ କରିଥିଲା । ପ୍ରାକୃତିକ ସଂପଦ ପରିଚାଳନା ଏବଂ ଜଳଛାୟା କାର୍ଯ୍ୟକ୍ରମ ପରି କାର୍ଯ୍ୟକ୍ରମ ଗୁଡିକ ଜରିଆରେ ଗୋଷ୍ଠୀର ଜୀବନଜୀବିକା ବିକାଶ ଦିଗରେ କାର୍ଯ୍ୟ କରିଚାଲିଲା ।

ଇତି ମଧ୍ୟରେ ସ୍ୱାତୀର କାର୍ଯ୍ୟପରିସର, ଅଭିଜ୍ଞତା, କାର୍ଯ୍ୟକ୍ରମ ପରିଚାଳନାର ସାମର୍ଥ୍ୟ ଓ ପରିଚିତି ବେଶ୍ ସଂପ୍ରସାରିତ ହୋଇଛି । ସ୍ୱାତୀ ଏବେ କନ୍ଧମାଳ ସହ ରାଜ୍ୟର ଗଂଜାମ, ବୌଦ୍ଧ, ଖୋର୍ଦ୍ଧା ଆଦି ଜିଲ୍ଲା ଗୁଡିକରେ କାର୍ଯ୍ୟ କରୁଛି । ସେହିପରି ପ୍ରାକୃତିକ ସମ୍ପଦ ପରିଚାଳନା, ଜୀବନଜୀବିକା, ସ୍ୱାସ୍ଥ୍ୟସେବା, ଶିକ୍ଷା ଆଦି ଠାରୁ ଆରମ୍ଭକରି ମହିଳା ସଶକ୍ତିକରଣ, ଯୁବବିକାଶ, ସାମାଜିକ ସଂହତି ଆଦି କାର୍ଯ୍ୟକ୍ରମ ଗୁଡିକରେ ସାମର୍ଥ୍ୟ ହାସଲ କରିଛି । ବାଲ୍ୟବିବାହ ନିରୋଧ, ଜଙ୍ଗଲଜମି ଅଧିକାର, ଶିକ୍ଷା ଅଧିକାର, ପଞ୍ଚାୟତିରାଜ ଓ ସ୍ୱଚ୍ଛ ଶାସନ, ଗୋଷ୍ଠୀ ଜଙ୍ଗଲ ସୁରକ୍ଷା ଏବଂ ପରିମଳ ଓ ସ୍ୱଚ୍ଛତା ଆଦି ବିଷୟ ଗୁଡିକୁ ଜନ ଆନ୍ଦୋଳନର ରୂପ ଦେବାରେ ସକ୍ଷମ ହୋଇପାରିଛି । ଏହାର କାର୍ଯ୍ୟଧାରା ଗ୍ରାମ ଓ ଗୋଷ୍ଠୀ ସ୍ତରରେ ବିକାଶର ଅନେକ ଉଦାହରଣ ଓ ନମୂନା ମଧ୍ୟ ତିଆରି କରିପାରିଛି ।

ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡିଶାର ଗୋଷ୍ଠୀ ବିକାଶରେ ଅନେକ ବାଧା ଓ ଆହ୍ୱାନ ସୃଷ୍ଟି ହୋଇଛି । ୧୯୯୯ ମସିହାର ମହାବାତ୍ୟା ପରେ ବର୍ଷକୁ ବର୍ଷ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଗୋଷ୍ଠୀ ଜୀବନଧାରା ଓ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଛି । ସେହିପରି କନ୍ଧମାଳର ଦଙ୍ଗା ସ୍ଥାନୀୟ ଗୋଷ୍ଠୀ ସଂହତିକୁ ଦୁର୍ବଳ କରିଥିବା ବେଳେ କରୋନା କାଳୀନ କଟକଣା ଓ ପ୍ରଭାବ ଲୋକମାନଙ୍କ ରୋଜଗାର ଓ ଚଳଣୀ ଉପରେ ଅନେକ ପ୍ରଭାବ ପକାଇଛି । ତେବେ ଏହି ସବୁ ପରିସ୍ଥିତିକୁ ସହଜ କରିବା ପାଇଁ ସ୍ୱାତୀ ପ୍ରଚେଷ୍ଟା କରି ଆସିଛି ।

ସ୍ୱାତୀର ବିଭିନ୍ନ କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ଦକ୍ଷ ଓ ଅଭିଜ୍ଞ କର୍ମୀ ସାମିଲ ଥିବାବେଳେ ଅନେକ ବୁଦ୍ଧିଜୀବି, ବିଶେଷଜ୍ଞ, ସାଧନବ୍ୟକ୍ତି ଓ ପ୍ରଶିକ୍ଷକ ଏହା ସହ ଯୋଡି ହୋଇ ରହିଛନ୍ତି । ଅନେକ ରାଜ୍ୟ ତଥା ଜାତୀୟ ସ୍ତରର ସଂଗଠନ ଓ ମଂଚ ସହ ସ୍ୱାତୀ ଜଡିତ ରହିଛି । ନିଜର କାର୍ଯ୍ୟ ପାଇଁ ଅନୁଷ୍ଠାନ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ମଂଚରେ ସମ୍ମାନୀତ ହେବା ସହ ୨୦୧୭ ମସିହାରେ ଇଲାପଣ୍ଡା ଫାଉଣ୍ଡେସନ୍ ତରଫରୁ ଦିଆଯାଉଥିବା ଚତୁର୍ଥ ସମ୍ମାନଜନକ ଶାମ୍ଭବୀ ପୁରସ୍କାର ହାସଲ କରିଛି ।

ବର୍ତ୍ତମାନ ବିକାଶ ବ୍ୟବସ୍ଥାକୁ ବୈଜ୍ଞାନିକ ଭିତ୍ତିରେ ଅନୁଶୀଳନ କରି ସମସ୍ୟା ଗୁଡିକର ଦୀର୍ଘସ୍ଥାୟୀ ସମାଧାନ ଦିଗରେ ଜାତିସଂଘ ଓ ସରକାରଙ୍କ ଦ୍ୱାରା କାର୍ଯ୍ୟ ଯୋଜନା ଓ ରୂପାୟନ କରାଯାଉଛି । ଜାତିସଂଘ ଦ୍ୱାରା ସ୍ଥିରିକୃତ ସ୍ଥାୟୀ ବିକାଶ ଲକ୍ଷ୍ୟ (ସେଷ୍ଟେନ୍‌ବଲ୍ ଡେଭଲପ୍‌ମେଣ୍ଟ ଗୋଲ୍)ରେ ଆଗାମୀ ୨୦୩୦ ମସିହା ସୁଦ୍ଧା ସାରା ପୃଥିବୀର କ୍ଷୁଦ୍ଧା, ଦାରିଦ୍ର୍ୟ, ରୋଗ, ଅଶିକ୍ଷା ଆଦି ସଂପୂର୍ଣ୍ଣ ଦୂର ସହ ମଣିଷ ସମାଜ ଆଗକୁ ସାମ୍ନା କରିବାକୁ ଥିବା ଜଳବାୟୁ ପରିବର୍ତ୍ତନ ପରିସ୍ଥିତି ପରି ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥାକୁ ଦୃଢ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ନାଗରିକ ସମାଜ ଓ ବେସରକାରୀ ସାମାଜିକ ଅନୁଷ୍ଠାନ ଗୁଡିକର ଦାୟିତ୍ୱ ବେଶ୍ ଅଧିକ ।

ଏବେ ଗୋଷ୍ଠୀ ସଂପର୍କ ଓ କାର୍ଯ୍ୟ ପରିଚାଳନାରେ ସ୍ୱାତୀ ବେଶ୍ ଅଭିଜ୍ଞ ଓ ଦକ୍ଷ । ଗତ ଅଭିଜ୍ଞତା ଗୁଡିକୁ ପୁଂଜିକରି ସ୍ୱାତୀ ଆଗାମୀ ଆହ୍ୱାନ ଗୁଡିକୁ ସାମ୍ନା କରିବାକୁ ବେଶ୍ ସମର୍ଥ ।  ଗୋଷ୍ଠୀର ସମସ୍ୟା ଓ ଆବଶ୍ୟକତା ଗୁଡିକର ଉଚିତ ତର୍ଜମା କରିବା, ଦେଶର ବିକାଶ କୌଶଳକୁ ବୁଝି ଯୋଜନା ଗୁଡିକୁ ତୃଣମୂଳସ୍ତରରେ ଉପଲବ୍ଧ କରାଇବା ଏବଂ  ଜାତିସଂଘର ବିକାଶ ଲକ୍ଷ୍ୟ ଗୁଡିକୁ ଗ୍ରାମ୍ୟସ୍ତର ପର୍ଯ୍ୟନ୍ତ ପହଂଚାଇବା ପାଇଁ ସ୍ୱାତୀ ଏବେ କାର୍ଯ୍ୟରତ ।



## ସରକାରୀ ଅଧିନୀୟମରେ ସ୍ୱାତୀ

ଅନୁଷ୍ଠାନ ପଞ୍ଜିକରଣ ଅଧିନୀୟମ – ୧୮୬୦ରେ ପଞ୍ଜିକୃତ ଏବଂ ଏହାର ଆଇ.ଜି.ଆର୍ ସଂଖ୍ୟା ହେଉଛି ୨୧୦୩୦/୧୬୯/୧୯୯୯ ।

ବୈଦେଶିକ ସହାୟତା ନିୟାମକ ଆଇନ (ଏଫ୍.ସି.ଆର୍.ଏ) - ୧୯୭୬ରେ ପଞ୍ଜିକୃତ ଓ ଏହାର ସଂଖ୍ୟା ହେଉଛି ୧୦୫୦୩୦୦୦୭/୨୦୦୨

ଆୟକର ଅଧିନୀୟମ ୧୯୬୧ ଅନ୍ତର୍ଗତ ୧୨ଏଏ ଓ ୮୦ଜି ରେ ଅନୁଷ୍ଠାନ ପଞ୍ଜିକୃତ ।

କର୍ମଚାରୀ ଭବିଷ୍ୟନଧି ପାଣ୍ଠି ଏବଂ ଆନୁସଙ୍ଗିକ ବ୍ୟବସ୍ଥା ନୀୟମ -୧୯୫୨ରେ ଏହା ପଂଜିକୃତ ଏବଂ ଏହାର ସଂଖ୍ୟା ହେଉଛି ଓଆର୍/ବିଏମ୍/୧୧୦୪୭/୨୦୧୨

## ସ୍ୱାତୀ ଅନୁଷ୍ଠାନର ଲକ୍ଷ୍ୟ –

ଏକ ସାମାଜିକ ଅନୁଷ୍ଠାନ ହିସାବରେ ସ୍ୱାତୀର ଆନୁଷ୍ଠାନିକ ପ୍ରଧାନ ଲକ୍ଷ୍ୟ ହେଉଛି, ଏକ ସୁସ୍ଥ, ଆତ୍ମନିର୍ଭରଶୀଳ ଓ ମର୍ଯ୍ୟାଦାପୂର୍ଣ୍ଣ ଗୋଷ୍ଠୀଜୀବନ ବଂଚୁଥିବା ଏକ ସାମାଜିକ ବ୍ୟବସ୍ଥା ଗଠନ, ଯେଉଁଠି କି ସମସ୍ତଙ୍କ ପାଇଁ ସମାନ ସୁଯୋଗ, ଅଧିକାର, ନ୍ୟାୟ ଓ ମୁକ୍ତ ବାତାବରଣ ରହିଥିବ ଏବଂ ସେମାନଙ୍କ ସକ୍ରିୟ ଭାଗୀଦାରିତା, ସଚେତନ ନିଷ୍ପତି ଏବଂ ସମସ୍ୟା ସମାଧାନ ସାମର୍ଥ୍ୟ ଜରିଆରେ ଗୋଷ୍ଠୀର ବିକାଶ ସାଧିତ ହୋଇ ପାରୁଥିବ ।

## ସ୍ୱାତୀ ଅନୁଷ୍ଠାନର କାର୍ଯ୍ୟ ପଦ୍ଧତି

ସ୍ୱାତୀ ନିଜସ୍ୱ ପ୍ରଧାନ ଲକ୍ଷ୍ୟ ଓ ଗୋଷ୍ଠୀର ସମସ୍ୟାକୁ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ମାନ ଗ୍ରହଣ କରିଥାଏ । ଏହାର କାର୍ଯ୍ୟପଦ୍ଧତିରେ ଗୋଷ୍ଠୀଗତ ସ୍ୱାତନ୍ତ୍ୟତା, ସାମାଜିକ ସଂହତି, ସାମ୍ବିଧାନିକ ଅଧିକାର ଓ କର୍ତବ୍ୟ, ଲିଙ୍ଗଗତ ସାମ୍ୟତା, ସମାଜର ସବୁ ବର୍ଗର ପ୍ରତିନିଧିତ୍ୱ ଏବଂ ପ୍ରାକୃତିକ ସମ୍ବଳର ସଦୁପଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥାଏ ।

କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୂଖ୍ୟକୁ ପ୍ରାଧାନ୍ୟ ଦେଇ ଲୋକ ସହଭାଗୀତାରେ ଏହାର ଯୋଜନା ପ୍ରସ୍ତୁତି ଓ ଗ୍ରାମ୍ୟସ୍ତରରେ ରୂପାୟନ କରିବା ସ୍ୱାତୀର କାର୍ଯ୍ୟପଦ୍ଧତିର ମୂଳ ଭିତ୍ତି । କାର୍ଯ୍ୟକ୍ରମ ଗୁଡିକ ଯେପରି ଗ୍ରାମସ୍ତରରେ ସମସ୍ୟା ସମାଧାନ ସହ ଏକ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବ ସେ ଦିଗରେ ଅନୁଷ୍ଠାନ ବିଶେଷ ଧ୍ୟାନ ଦେଇଥାଏ ।

## ସ୍ୱାତୀ କାର୍ଯ୍ୟପଦ୍ଧତିର ମୂଖ୍ୟ ବୈଶିଷ୍ଟ୍ୟ ଗୁଡିକ ହେଲା

ସମସ୍ୟା ଭିତିକ କାର୍ଯ୍ୟକ୍ରମ ଗ୍ରହଣ

ସହଭାଗୀ ଓ ସମସ୍ୟାନୁ ଭିତିକ ଯୋଜନା ପ୍ରସ୍ତୁତି

କାର୍ଯ୍ୟକ୍ରମର ସମସ୍ତ ସ୍ତରରେ ସ୍ଥାନୀୟ ଗୋଷ୍ଠୀର ସକ୍ରିୟ ସଂପୃକ୍ତି

କାର୍ଯ୍ୟ ସମ୍ପାଦନ ପାଇଁ ଆବଶ୍ୟକୀୟ ଗୋଷ୍ଠୀସ୍ତରୀୟ ଦକ୍ଷତା ସୃଷ୍ଟି

କାର୍ଯ୍ୟ ପରିଚାଳନା ଓ ରୂପାୟନରେ ସ୍ୱଚ୍ଛତା ଅବଲମ୍ବନ

କାର୍ଯ୍ୟର ପ୍ରଭାବ ଓ ଫଳାଫଳର ସାମାଜିକ ସମୀକ୍ଷା ।

## ସ୍ୱାତୀ ଅନୁଷ୍ଠାନର କାର୍ଯ୍ୟଗତ ପ୍ରାଧାନ୍ୟତା

ସ୍ୱାତୀ ଏହାର କାର୍ଯ୍ୟକ୍ରମ ଗୁଡିକ ମାଧ୍ୟମରେ ସମାଜର ଅସୁରକ୍ଷିତ ବର୍ଗ ବିଶେଷକରି ଆଦିବାସୀ, ଦଳିତ, ଗରିବ, କ୍ଷୁଦ୍ର ଓ  ନାମମାତ୍ର ଚାଷୀ, ଅସହାୟ ଆଦିଙ୍କ ଜୀବନ ଜୀବିକାର ବିକାଶ ଦିଗରେ ପ୍ରାଧାନ୍ୟ ଦେଇଆସୁଛି ।

ଏହାର କାର୍ଯ୍ୟକ୍ରମ ଗୁଡିକର ମୂଖ୍ୟ ଉଦ୍ଦେଶ୍ୟ ହେଉଛି –

ସମସ୍ତ ସରକାରୀ ଯୋଜନା ଗୁଡିକୁ ଗ୍ରାମ୍ୟସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ ପାଇଁ ସରକାରୀ ସମନ୍ୱୟ ସ୍ଥାପନ ଓ ଗୋଷ୍ଠୀକୁ ଦକ୍ଷ କରିବା

ପ୍ରାକୃତିକ ସମ୍ବଳର ସଦୁପଯୋଗ କରି ସ୍ଥାୟୀ ଜୀବିକାର୍ଜନ ପନ୍ଥା ସୃଷ୍ଟି କରିବା ନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବା

ଗ୍ରାମସ୍ତରୀୟ ସାଂଗଠନିକ ଦୃଢତା, ଅଧିକାରଗତ ସଚେତନତା, ଜ୍ଞାନ ଓ ସାମର୍ଥ୍ୟର ଅଭିବୃଦ୍ଧି ମାଧ୍ୟମରେ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ଶାସନ ବ୍ୟବସ୍ଥା ସୃଷ୍ଟି କରିବା ।

ଗୋଷ୍ଠୀ ସଂଗଠନ ଏବଂ ସଂଘ ମାନ ଗଠନ ଓ ବିକାଶ କରିବା ଏବଂ ସେମାନଙ୍କୁ ବିକାଶ ଦିଗରେ ପରିଚାଳିତ କରିବା ।

ମହିଳା ସଶକ୍ତିକରଣ ଏବଂ ସେମାନଙ୍କର ନେତୃତ୍ୱର ବିକାଶ କରିବା

ଯୁବ ଗୋଷ୍ଠୀକୁ ସଂଗଠିତ କରି ଗୋଷ୍ଠୀ ସ୍ତରୀୟ ଏକତା ଓ ଜାତୀୟ ସଂହତିର ସଂସ୍କୃତିକୁ ବିକଶିତ କରିବା ଏବଂ ଗ୍ରାମ୍ୟବିକାଶରେ ସେମାନଙ୍କ ଭାଗିଦାରିତାକୁ ଦୃଢ କରିବା

ଲୋକଶିକ୍ଷା ଓ ଲୋକ ସଚେତନତା ବୃଦ୍ଧି ଏବଂ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ ସୃଷ୍ଟି

## ସ୍ୱାତୀ ଅନୁଷ୍ଠାନର କାର୍ଯ୍ୟଭୁକ୍ତ ଅଂଚଳ

ବର୍ତ୍ତମାନ ସ୍ୱାତୀ ରାଜ୍ୟର ଚାରିଟି ଜିଲ୍ଲା କନ୍ଧମାଳ, ଗଂଜାମ, ବୌଦ୍ଧ ଓ ଖୋର୍ଦ୍ଧାରେ ସକ୍ରିୟ କାର୍ଯ୍ୟରତ । କନ୍ଧମାଳ ଜିଲ୍ଲାର ସମସ୍ତ ୧୨ଟି ବ୍ଲକ୍‌ରେ କାର୍ଯ୍ୟ କରିବା ସହ, ଏହା ଗଂଜାମ ଜିଲ୍ଲାର ଭଞ୍ଜନଗର, ଜଗନ୍ନାଥ ପ୍ରସାଦ, ସାନଖେମୁଂଡି ବ୍ଲକ୍ ଓ ବ୍ରହ୍ମପୁର ପୌରାଂଚଳ ଏବଂ ଭୁବନେଶ୍ୱର ଓ ବୌଦ ପୌରାଂଚଳରେ କାର୍ଯ୍ୟକରୁଛି । ଏଥିସହ ସ୍ୱାତୀ ଅନୁଦାନ ସଂଗ୍ରହ, ସରକାରୀ ଯୋଜନା ଗୁଡିକର କାର୍ଯ୍ୟକାରୀତା, କାର୍ଯ୍ୟକ୍ରମ ଓ କାର୍ଯ୍ୟ ପରିସରରେ ବିସ୍ତୃତି ଏବଂ କର୍ମୀ ସଂଗ୍ରହ ଓ ଲୋକ ସହଭାଗୀତାରେ ବେଶ୍ ଅଭିବୃଦ୍ଧି ହାସଲ କରିଛି ।

## ସ୍ୱାତୀର ଗଠନପ୍ରଣାଳୀ ଓ ପରିଚାଳନା ବ୍ୟବସ୍ଥା

ଅନୁଷ୍ଠାନର ସାମଗ୍ରିକ କାର୍ଯ୍ୟପରିଚାଳନା ପାଇଁ ମୁଖ୍ୟତଃ ତିନୋଟି ସ୍ତର ରହିଛି – ସାଧାରଣ ପରିଷଦ, ପରିଚାଳନା ପରିଷଦ ଏବଂ କର୍ମୀ ପରିଷଦ । ଅନୁଷ୍ଠାନ ପରିଚାଳନାର ସର୍ବୋଚ୍ଚ ସ୍ତରରେ ରହିଛି ଏକ ୧୧ ଜଣିଆ ସାଧାରଣ ପରିଷଦ । ଏଥିରେ ବୁଦ୍ଧିଜୀବି, ବିକାଶ କର୍ମୀ ଓ ବିଶାରଦ, ଶିକ୍ଷାବିତ୍, ସଂଗଠକ ମାନେ ରହିଛନ୍ତି । ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ନେଇ ଗଢାଯାଇଛି ପରିଚାଳନା ପରିଷଦ । ଏହି ଦୁଇଟି ପରିଷଦ ଅନୁଷ୍ଠାନ ମୁଖ୍ୟ ନୀତି ନିର୍ଦ୍ଧାରଣ, କାର୍ଯ୍ୟଗତ ସମୀକ୍ଷା ଓ ପରାମର୍ଶ ଏବଂ ଅନୁଷ୍ଠାନର ସଫଳତା ଓ ପ୍ରତିବନ୍ଧକ ଗୁଡିକର ଆଲୋଚନା କରି ଆବଶ୍ୟକୀୟ ପରାମର୍ଶ ଦେଇଥାନ୍ତି । ପ୍ରତି ଛ ମାସରେ ଏହି ପରିଷଦର ବୈଠକ ହୋଇଥାଏ । ସ୍ୱାତୀର ଆଭ୍ୟନ୍ତରୀଣ ଶୃଙ୍ଖଳା, ଲିଙ୍ଗଗତ ନ୍ୟାୟ ଓ ସୂଚନା ଆଦାନ ପ୍ରଦାନ ପାଇଁ ମଧ୍ୟ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଓ ଦାୟିତ୍ୱ ଦିଆଯାଇଛି ।

ସଂପାଦକ ଅନୁଷ୍ଠାନର କର୍ମୀ ପରିଷଦର ନେତୃତ୍ୱ ନେଇଥାନ୍ତି । ତାଙ୍କୁ କାର୍ଯ୍ୟକ୍ରମ ସଂଯୋଜକ, ହିସାବ ରକ୍ଷକ, ପ୍ରଶାସନିକ ସଂଯୋଜକ ଆଦି ସହାୟତା କରିଥାନ୍ତି । ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟ ବିଭାଗ ପାଇଁ ସଂଯୋଜକ ମାନେ ରହିଛନ୍ତି । ସେମାନଙ୍କୁ ଆଂଚଳିକ ସଂଯୋଜକ, କ୍ଷେତ୍ର ସଂଯୋଜକ ଏବଂ ଗ୍ରାମସ୍ତରୀୟ ସହାୟକ ମାନେ ସହାୟତା କରିଥାନ୍ତି । କାର୍ଯ୍ୟକ୍ରମ ଅନୁଯାୟୀ ମାସିକ ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟ ସମୀକ୍ଷା ବୈଠକ ଆଦିରେ ସେମାନେ ଏକତ୍ରିତ ହୋଇଥାନ୍ତି । ସ୍ୱାତୀର କାର୍ଯ୍ୟଦଳରେ ଅନେକ ଅନୁଭବି, ଉତ୍ସର୍ଗୀକୃତ ସେବା ମନୋବୃତ୍ତି ସଂପନ୍ନ, ଦକ୍ଷ, ପାରଦର୍ଶୀ, ଅଭିଜ୍ଞ, କାର୍ଯ୍ୟକୁଶଳୀ ଓ ତାଲିମପ୍ରାପ୍ତ କର୍ମୀ ରହିଛନ୍ତି । ଅନୁଷ୍ଠାନର ସାମାଜିକ ପ୍ରତିବଦ୍ଧତା ଏବଂ ଦୀର୍ଘସ୍ଥାୟୀ ବିକାଶ ପ୍ରକ୍ରିୟା ଯୋଗୁଁ ଗୋଷ୍ଠୀ ସ୍ତରରୁ ଆରମ୍ଭକରି ପ୍ରଶାସନ, ଲୋକପ୍ରତିନିଧି, ବୁଦ୍ଧିଜୀବି ଏବଂ ସମଭାବାପନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ମାନେ ସ୍ୱାତୀ ସହ ନିଜକୁ ସାମିଲ୍ ଓ ସଂପର୍କିତ କରିଛନ୍ତି । ଅନୁଷ୍ଠାନରେ ୫୫ ପ୍ରତିଶତରୁ ଅଧିକ ମହିଳା କର୍ମୀ ରହିଥିବା ବେଳେ ସ୍ଥାନୀୟ କର୍ମୀ ମାନଙ୍କ ସଂଖ୍ୟା ୭୦ ପ୍ରତିଶତ ରହିଛି ।

ଏକ ଉତ୍ସାହୀ ଓ ନିଷ୍ଠାପର କାର୍ଯ୍ୟଦଳ ଭାବରେ ସ୍ୱାତୀ ନିଜକୁ ସର୍ବଦା ପରିଚିତ କରି ଆସିଛି । ଏକ ଅନୁଷ୍ଠାନ ହିସାବରେ କାର୍ଯ୍ୟକ୍ରମ ଗୁଡିକର ଯୋଜନା ଓ କାର୍ଯ୍ୟକାରୀତାରେ ଏହାର ଲକ୍ଷ୍ୟ ଓ ଆଭିମୁଖ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ । ଦାୟିତ୍ୱ ସଂପାଦନ, କାର୍ଯ୍ୟ ସଂଯୋଜନା, ପରିଚାଳନା ଓ ସମୀକ୍ଷା ଆଦିରେ ସାମର୍ଥ୍ୟ, ଅଭିଜ୍ଞତା ଓ ଦକ୍ଷତାକୁ ଧ୍ୟାନ ଦିଆଯାଇଥାଏ । ପ୍ରତିକାର୍ଯ୍ୟକୁ ସହଭାଗୀ କୌଶଳରେ କରାଯିବା ସହ ସାମାଜିକ ମୂଲ୍ୟାୟନ ଓ ଆତ୍ମସମୀକ୍ଷା କରି ସେସବୁର ପ୍ରଭାବ ମୂଲ୍ୟାଙ୍କନ କରାଯାଇଥାଏ ।

## ସ୍ୱାତୀ ଅନୁଷ୍ଠାନର କାର୍ଯ୍ୟକ୍ରମ

ସ୍ୱାତୀ ଦ୍ୱାରା ହେଉଥିବା କାର୍ଯ୍ୟକ୍ରମ ଗୁଡିକୁ ମୁଖ୍ୟତଃ ଚାରିଟି ବିଭାଗରେ ଭାଗ କରାଯାଇପାରେ –

ପ୍ରାକୃତିକ ସଂବଳ ପରିଚାଳନା ଓ ଜୀବନଜୀବିକା – ଓଡିଶା ବନାଂଚଳ ଉନ୍ନୟନ ଯୋଜନା (ଓ.ଏଫ୍.ଏସ୍.ଡି.ପି), ମିଲେଟ୍ ମିଶନ୍, ନିର୍ଦ୍ଦିଷ୍ଟ ଅଂଚଳ ଉନ୍ନୟନ ଯୋଜନା (ଏଫ୍.ଏ.ଡି.ପି)

ସ୍ୱାସ୍ଥ୍ୟ ଓ ପରିମଳ – ଏଚ୍.ଆଇ.ଭି ଓ ଏଡ୍‌ସ ନିରାକରଣ ( ଟି.ଆଇ), ମାତୃଗୃହ, ପ୍ରମୋଟ୍ ରାଇଟସ୍ ଫର୍ ଆଡୋଲ୍‌ସେଣ୍ଟ ଏଣ୍ଡ ଚିଲ୍‌ଡ୍ରେନ୍ ଅନ୍ ଡେଭଲପ୍‌ମେଣ୍ଟ ଇନିସିଏଟିଭ୍ ପ୍ରୋଗ୍ରାମ (ପି.ଆର୍.ଏ.ସି.ଡି.ଆଇ.ପି) ସ୍ୱୀକୃତି, ବାଇକ୍ ଆମ୍ବୁଲାନ୍ସ, ଡେଲିଭରି ଭ୍ୟାନ୍, ଗୋଷ୍ଠୀ ସଂପର୍କ ଅଭିଯାନ

ମହିଳା ସଶକ୍ତିକରଣ ଓ ଶିକ୍ଷା – ମହିଳା ସଂଚୟ ଓ ଉଦ୍ୟୋଗ, କିଶୋରୀ ବାଳିକା ସଂଘ, ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ମୁକ୍ତ ବିଦ୍ୟାଳୟ ଜାତୀୟ ପ୍ରତିଷ୍ଠାନ

ପଂଚାୟତିରାଜ ଓ ସ୍ୱଚ୍ଛ ଶାସନ - ସଚେତନତା କାର୍ଯ୍ୟକ୍ରମ ଓ ସମାବେଶ, ଗୋଷ୍ଠୀ ସଂଗଠନ, ତାଲିମ୍ ଓ ପ୍ରଶିକ୍ଷଣ



# ପ୍ରାକୃତିକ ସମ୍ବଳ ପରିଚାଳନା ଓ ଜୀବନଜୀବିକା

ଗ୍ରାମ୍ୟଗୋଷ୍ଠୀ ତଥା ଆଦିବାସୀ ଗୋଷ୍ଠୀ ଗୁଡିକର ଜୀବନ ଜୀବିକା ଓ ରୋଜଗାରର ମୂଳ ଉତ୍ସ ହେଉଛି ପ୍ରାକୃତିକ ସମ୍ବଳ କାଳକାଳରୁ ସେଗୁଡିକର ଉପଯୋଗ କରି ଆଦିବାସୀ, ଗ୍ରାମୀଣ କୃଷିଜୀବି ଓ ସାଧାରଣ ଲୋକ ଜୀବନ ବଂଚି ଆସୁଛନ୍ତି । ତେବେ ଗତ କିଛି ଦଶନ୍ଧି ହେବ ପ୍ରାକୃତିକ ସମ୍ବଳ ଗୁଡିକର ଅପରିଣାମଦର୍ଶୀ ଧ୍ୱଂସ ସାଧନ ଏବଂ ଅବକ୍ଷୟ ସେମାନଙ୍କ ଜୀବନପ୍ରତି ବିପଦ ସୃଷ୍ଟି କରିଛି ତେଣୁ ପ୍ରାକୃତିକ ସମ୍ବଳ ଗୁଡିକର ବୈଜ୍ଞାନିକ ଆଧାରିତ ପରିଚାଳନା ଓ ସମୃଦ୍ଧି ଦ୍ୱାରା କିପରି ସ୍ଥାନୀୟ ଅଧିବାସୀମାନେ ନିଜ ଜୀବନ ଜୀବିକାର ଉନ୍ନତୀ କରିପାରିବେ ସେ ଦିଗରେ ସ୍ୱାତୀ ପ୍ରାଧାନ୍ୟ ଦେଇ ପ୍ରଥମରୁ ହିଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଗ୍ରହଣ କରିଆସୁଛି । ଜମି-ଜଳ-ଜଙ୍ଗଲ-ଜନ୍ତୁ –ଜନର ରହିଥିବା ପାରସ୍ପରିକ ସଂପର୍କ ଓ ଶୃଙ୍ଖଳକୁ ସୁଦୃଢ କରିବା ସହ ସମ୍ବଳ ଉପରେ ଗୋଷ୍ଠୀର ଅଧିକାର, ରକ୍ଷଣାବେକ୍ଷଣ ଓ ସେହି ଆଧାରିତ ଜୀବିକା ଗୁଡିକର ଉନ୍ନତୀ ପାଇଁ ପଦକ୍ଷେପ ମାନ ନେଉଛି । ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜମିଜମା ଉନ୍ନତୀ, ଜଙ୍ଗଲର ସଂରକ୍ଷଣ, ଜଳଉତ୍ସ ଗୁଡିକର ରକ୍ଷଣାବେକ୍ଷଣ କରାଯିବା ସହ କୃଷି ଭିତିଭୂମିର ବିକାଶ, ଜଳସେଚନ ସୁବିଧା, ପଶୁପାଳନ, ଚାଷର ଉନ୍ନତୀ, କୃଷି ଓ ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଆଦି କାର୍ଯ୍ୟମାନ କରି ଆସୁଛି ।

ସ୍ୱାତୀ ଏହାର ଆରମ୍ଭ ସମୟରେ ପ୍ରଥମେ ରୋଜଗାର ପ୍ରତିଶୃତି ଯୋଜନା ଏବଂ ମରୁଡି ପ୍ରଭାବିତ ଅଂଚଳ କାର୍ଯ୍ୟକ୍ରମରେ ଜଳଛାୟା ବିକାଶ ଯୋଜନାରେ ପ୍ରାକୃତିକ ସଂବଳର ସୁପରିଚାଳନା କାର୍ଯ୍ୟକ୍ରମ ଆରମ୍ଭ କରିଥିଲା । ପରବର୍ତୀ ସମୟରେ ସମନ୍ୱିତ ପ୍ରାକୃତିକ ସମ୍ବଳ ପରିଚାଳନା, ସମନ୍ୱିତ ଜଳବିଭାଜିକା ପରିଚାଳନା କାର୍ଯ୍ୟକ୍ରମ, ଏମ୍.ଜି.ଏମ୍.ଆର୍.ଇ.ଜି.ଏସ୍ ସଂଯୋଜନା, ଓଡିଶା ଆଦିବାସୀ ସଶକ୍ତିକରଣ ଓ ଜୀବନଜୀବିକା କାର୍ଯ୍ୟକ୍ରମ (ଓ.ଟି.ଇ.ଏଲ୍.ପି) ଓ ବାଡି କାର୍ଯ୍ୟକ୍ରମ ଆଦି ମାଧ୍ୟମରେ ଜମି, ଜଳ, ଜଙ୍ଗଲ, ଜନ୍ତୁ ଓ ଜନ ଆଦି ପ୍ରାକୃତିକ ସଂବଳ ଗୁଡିକର ସୁପରିଚାଳନା କରି ଆସୁଛି । ଏହିସବୁ କାର୍ଯ୍ୟକ୍ରମ ଗୁଡିକ ମାଧ୍ୟମରେ ଗତ ବର୍ଷ ଗୁଡିକରେ ଟିକାବାଲି, ଫିରିଙ୍ଗିଆ, କ.ନୂଆଗାଁ, ତୁମୁଡିବନ୍ଧ ଏବଂ ଜି.ଉଦୟଗିରି ବ୍ଲକ୍ ଅଂଚଳର ପାଂଚ ହଜାରରୁ ଅଧିକ ଆଦିବାସୀ ଚାଷୀପରିବାର କୃଷିଭିତ୍ତି ଜୀବନଜୀବିକାରେ ଉନ୍ନତୀ କରିପାରିଛନ୍ତି । ଦଶ ହଜାର ଏକର ପଡିଆ ଜମିକୁ ଚାଷ ଉପଯୋଗୀ କରାଯିବା ସହ ୨୦୦୦ ଏକର ଚାଷ ଜମିକୁ ଜଳ ସେଚିତ କରାଯାଇ ପାରିଛି । ଚାରି ହଜାର ଏକର ଜମିରେ ଫଳ ବଗିଚା ସୃଷ୍ଟି କରାଯାଇ ପାରିଛି । ବର୍ତମାନ ଏହା ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ ଓଡିଶା ବନାଂଚଳ ଉନ୍ନୟନ ଯୋଜନା (ଓ.ଏଫ୍.ଏସ୍.ଡି.ପି), ନିର୍ଦ୍ଦିଷ୍ଟ ଅଂଚଳ ଉନ୍ନୟନ ଯୋଜନା (ଏଫ୍.ଏ.ଡି.ପି), ମିଲେଟ୍ ମିଶନ୍, ମରୁଡି ସହଣିକ ଧାନଚାଷ ବିକାଶ ଆଦି ପ୍ରାକୃତିକ ସଂବଳ ଆଧାରିତ ଅନେକ ଜୀବିକା ବିକାଶ କାର୍ଯ୍ୟକ୍ରମ କରୁଛି । ଏହି କାର୍ଯ୍ୟକ୍ରମ ଗୁଡିକ ଜରିଆରେ ସମଗ୍ର କନ୍ଧମାଳ ଜିଲ୍ଲାର ଗାଁ ଗୁଡିକରେ ପାରଂପରିକ ଜୀବନଜୀବିକାର ସୁଦୃଢୀକରଣ, ରାଇକିଆ ବ୍ଲକ୍ ଅଂଚଳରେ ମାଣ୍ଡିଆ ଜାତିୟ ଖାଦ୍ୟଶସ୍ୟର ଉତ୍ପାଦନ ବୃଦ୍ଧି ଏବଂ ଗଂଜାମ ଜିଲ୍ଲାର ଭଞ୍ଜନଗର ଜଙ୍ଗଲ ଡିଭିଜନର ୧୦୦ରୁ ଅଧିକ ଗାଁରେ ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲ ଅଧୁଷିତ ଗାଁ ଗୁଡିକର ଜୀବିନଜୀବିକା ଓ ଭିତ୍ତିଭୂମୀର ବିକାଶ କରାଯାଉଛି ।





# ଓଡ଼ିଶା ମିଲେଟ୍ ମିଶନ୍


ଆଦିବାସୀ ଅଂଚଳରେ ଖାଦ୍ୟ ଓ ପୁଷ୍ଟିର ସୁରକ୍ଷାକୁ ଦୃଷ୍ଟିରେ ରଖି ପାରଂପରିକ ମାଣ୍ଡିଆ ଜାତିୟ ଖାଦ୍ୟଶସ୍ୟର ପୁନରୁଦ୍ଧାର ଏବଂ ପ୍ରସାର ନିମନ୍ତେ ରାଜ୍ୟସରକାରଙ୍କ ଦ୍ୱାରା ମିଲେଟ୍ ମିଶନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧମରେ ଆଦିବାସୀ ଗାଁ ଗୁଡିକରେ ମାଣ୍ଡିଆ ଜାତିୟ ଖାଦ୍ୟଶସ୍ୟର ବହୁଳ ଚାଷ, ଉତ୍ପାଦନ ବୃଦ୍ଧି, ପ୍ରକ୍ରିୟାକରଣ, ମାଣ୍ଡିଆ ଜାତିୟ ଖାଦ୍ୟର ପ୍ରସାର, ମାଣ୍ଡିଆ ଜାତିୟ ଶସ୍ୟର ଉପଯୁକ୍ତ ବଜାର ବ୍ୟବସ୍ଥା ଏବଂ ଏଥିରୁ ଅଧିକ ରୋଜଗାର ବ୍ୟବସ୍ଥା ଆଦି କାର୍ଯ୍ୟମାନ କରାଯାଉଛି । ସ୍ୱାତୀ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍ ଅଂଚଳର ପେଟପଙ୍ଗା, ରାଇକିଆ, ମଣ୍ଡାକିଆ, ବେରେଡାକିଆ, ଡାଡିଙ୍ଗିଆ, ସୁଗାଡବାଡି, ଗୁମାମାହା, ମାଣିକେଶ୍ୱର, କରଡା, ବଡବାରବା, ଇନ୍ଦ୍ରଗଡ ଓ ରଣବା ଆଦି ୧୨ଟି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରୁଛି । ସେଥିମଧ୍ୟରୁ ୮ଟି ପଞ୍ଚାୟତର ଦୁର୍ଗମ ଘାଟି ଅଂଚଳରେ ରହିଥିବାବେଳେ ୪ଟି ଘାଟି ତଳେ ରହିଛି ।

### କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ

ମାଣ୍ଡିଆ ଜାତିୟ ଖାଦ୍ୟଶସ୍ୟ ଗୁଡିକ ମରୁଡି ସହଣିକ, ପୁଷ୍ଟିଯୁକ୍ତ ଏବଂ କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ ହୋଇପାରୁଥିବା ଫସଲ । କମ୍ ବର୍ଷାରେ ଢେପ ଓ ପାହାଡି ଜମିରେ ଏହା ହୋଇପାରେ ଏବଂ ଏବଂ ଏହା ଜଳସେଚନ, ସାର ଔଷଧ ଆଦି ଆବଶ୍ୟକ କରେନାହିଁ । ଆଦିବାସୀ ଓ ଗ୍ରାମୀଣ ପରିବାର ଗୁଡିକର ଖାଦ୍ୟରେ ମାଣ୍ଡିଆ ଜାତିୟ ଖାଦ୍ୟଶସ୍ୟ ଗୁଡିକ ଏକ ମୂଖ୍ୟ ଅଂଶ ହିସାବରେ ରହି ଆସିଛି । ତେବେ ସମୟକ୍ରମେ ଧାନଚାଷର ବହୁଳ ପ୍ରସାର ଯୋଗୁଁ ଏହି ଫସଲ ଚାଷ ଧିରେ ଧିରେ ଲୋପ ପାଇ ଆସୁଛି । ଉପଯୁକ୍ତ ବଜାର ବ୍ୟବସ୍ଥା ଅଭାବରୁ ଚାଷୀମାନେ ଏହାର ଚାଷ ଛାଡି ଦେଉଥିଲେ । ମିଲେଟ ମିଶନ ଜରିଆରେ ଏବେ ଏହି ଶସ୍ୟଗୁଡିକର ପୁନରୁଦ୍ଧାର ସହ ବହୁଳ ଚାଷର ବ୍ୟବସ୍ଥା କରାଯାଉଛି ।

ଏହି କାର୍ଯ୍ୟକ୍ରମ ଜରିଆରେ ଚାଷୀମାନଙ୍କୁ ମାଣ୍ଡିଆ ଜାତିୟ ଶସ୍ୟର ବହୁଳ ଚାଷ ପାଇଁ ତାଲିମ୍, ବିହନ ଓ ଯନ୍ତ୍ରପାତି ଯୋଗାଣ, ବୈଜ୍ଞାନିକ କୌଶଳର ଚାଷ ପଦ୍ଧତି ଆଦି ବିଷୟରେ ସହାୟତା ଦିଆଯାଉଛି । ଉତ୍ପାଦିତ ଶସ୍ୟ ଗୁଡିକର ଉପଯୁକ୍ତ ମୂଲ୍ୟରେ ସରକାରୀ କ୍ରୟ ବ୍ୟବସ୍ଥା କରାଯାଉଛି ।

ପାରିବାରିକ ଖାଦ୍ୟରେ ମାଣ୍ଡିଆ ଜାତିୟ ଶସ୍ୟର ସଂପୃକ୍ତି ବୃଦ୍ଧି ପାଇଁ ଗ୍ରାମୟସ୍ତରୀୟ ଓ ଅଂଚଳ ସ୍ତରୀୟ ଖାଦ୍ୟ ଉତ୍ସବ, ମାଣ୍ଡିଆ ଜାତିୟ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ପାଇଁ ତାଲିମ, ମାଣ୍ଡିଆ ଜାତିୟ ଶସ୍ୟର ପୁଷ୍ଟିଗୁଣ ବିଷୟରେ ସଚେତନତା ସୃଷ୍ଟି ଏବଂ





ଗାଁ ସ୍ତରରେ ମାଣ୍ଡିଆ ଜାତିୟ ଶସ୍ୟର ଜଳଖିଆ ଦୋକାନ ଆଦି ଖୋଲିବା ବ୍ୟବସ୍ଥା କରାଯାଉଛି ।

ଚାଷୀଙ୍କ ମାଧମରେ ମାଣ୍ଡିଆ ଜାତିୟ ଶସ୍ୟର ଉନ୍ନତ ବିହନ ପ୍ରସ୍ତୁତି, ଜୈବିକ ପଦ୍ଧତିରେ ଚାଷ, ଏସ୍.ଏମ୍.ଆଇ ପଦ୍ଧତିରେ ଅଧିକ ଅମଳ ବ୍ୟବସ୍ଥା ଏବଂ ଜୈବିକ ସାର ଉତ୍ପାଦନ ପାଇଁ ଚାଷୀଙ୍କୁ ସହାୟତା ଦିଆଯାଉଛି ।

ଅଂଚଳ ଓ ପଂଚାୟତ ସ୍ତରରେ କୃଷି ଯନ୍ତ୍ରପାତି କେନ୍ଦ୍ର ସ୍ଥାପନ କରାଯାଇ ଉନ୍ନତ ଚାଷ ଯନ୍ତ୍ରପାତି ଯଥା – ସ୍ପ୍ରେୟର, ୱିଡର, ଥ୍ରେସର୍, ଚୋପାଛଡା ଯନ୍ତ୍ର ଆଦି ରଖାଯାଇ ଚାଷୀମାନଙ୍କୁ ଦିଆଯାଉଛି । ଚାଷୀଦଳ ମାନ ଗଠନ କରାଯାଇ ସେମାନଙ୍କୁ ତସଲିମ ଦେଇ ଦକ୍ଷ କରାଯାଉଛି ।

**୨୦୨୧-୨୨ ବର୍ଷରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ସମୂହ**

ଏହି କାର୍ଯ୍ୟକ୍ରମ ମାଧମରେ ଚଳିତ ବର୍ଷ ରାଇକିଆ ବ୍ଲକ୍ର ୧୨ଟି ପଂଚାୟତର ୧୧୫ଟି ଗାଁ ଓ ୧୫୯୦ ଜଣ ଆଦିବାସୀ ଚାଷୀଙ୍କ ଜମିରେ ମାଣ୍ଡିଆ ଜାତୀୟ ଶସ୍ୟ ଚାଷର ପୁନରୁଦ୍ଧାର ହୋଇ ପାରିଛି । ଚାଷୀମାନେ ଉଭୟ ଖରିଫ ଓ ରବି କିସମର ମାଣ୍ଡିଅ ଜାତୀୟ ଶସ୍ୟ ଚାଷ କରୁଛନ୍ତି । ୧୬୬.୩ ହେକ୍ଟର ଜମିରେ ସିଷ୍ଟମାଟିକ ମିଲେଟ ଇନ୍ଟେନ୍ସିଫିକେସନ (ଏସ୍.ଏମ୍.ଆଇ) ପଦ୍ଧତିରେ ୨୬୪.୮ ହେକ୍ଟର ଜମିରେ ଧାଡି ରୋପଣ, ୧୬୦.୮ ହେକ୍ଟର ଜମିରେ ଧାଡି ବୁଣା ଏବଂ ୬୭.୯ ହେକ୍ଟର ଜମିରେ ଅନ୍ତଃଚାଷ ପଦ୍ଧତିରେ ଚାଷ କରାଯାଇଥିଲା ।

ସ୍ଥାନୀୟ କୃଷିବିଭାଗ ଅଧିକାରୀ, ଲୋକପ୍ରତିନିଧି ଏବଂ ଚାଷୀମାନଙ୍କୁ ନେଇ ମାଂଡିଆ ଜାତିୟ ଶସ୍ୟଚାଷର ପ୍ରସାର ଓ ଉପଯୋଗୀତା ସଂପର୍କରେ ସମୁଦାୟ ୨୮ଟି ତାଲିମ, କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି । ଏଥିରେ ୨୮୦ ଜଣ ପୁରୁଷ ଚାଷୀ ଓ ୩୪୬ ଜଣ ମହିଳା ଚାଷୀ ଅଂଶଗ୍ରହଣ କରିଛନ୍ତି ।

ଗୋଷ୍ଠୀ ସ୍ତରୀୟ ସଚେତନତା ସୃଷ୍ଟି ପାଇଁ ରାଇକିଆ ବ୍ଲକ୍ ଅଞ୍ଚଳରେ ସଚେତନତା ରଥ ବୁଲାଯାଇଛି । ଏହି ରଥ ୧୨ ପଞ୍ଚାୟତର ୧୩୫ ଗାଁ ପରିଭ୍ରମଣ କରିଥିଲା ଏବଂ ଚାଷୀ ମାନଙ୍କୁ ମାଣ୍ଡିଆ ଚାଷର ସୁଫଳ ଓ ଉପକାରିତା ସଂପର୍କରେ ସଚେତନ କରାଯାଇଥିଲା ।

ମାଂଡିଆ ଜାତିୟ ଖାଦ୍ୟ ଗୁଡିକର ପୁଷ୍ଟିତତ୍ୱ ଓ ସ୍ୱାଦର ପ୍ରସାର ନିମନ୍ତେ ଗ୍ରାମ ଓ ଅଞ୍ଚଳ ସ୍ତରୀୟ ଖାଦ୍ୟ ଉତ୍ସବ କରାଯାଇ ମାଂଡିଆ ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ପ୍ରଦର୍ଶନୀ ଓ ମେଳା କରାଯାଇଛି । ସମୁଦାୟ ୭ଟି ଖାଦ୍ୟମେଳାରେ ୧୮୨୦ ଜଣ ମହିଳା ଓ ଗ୍ରାମବାସୀ ଅଂଶଗ୍ରହଣ କରିଛନ୍ତି ।

ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଓ ଜଳଖିଆ ଗୁଡିକର ପ୍ରସାର ଓ ବିକ୍ରି ପାଇଁ ୨ଟି ଜଳଖିଆ ଦୋକାନ ଖୋଲା ଯାଇଛି । ସୁଗାଡବାଡି ପଞ୍ଚାୟତର ଦିବାରୀ ଠାରେ ଆଶା ମହିଳା ମଣ୍ଡଳ ଦ୍ୱାରା ଏବଂ ଗୁମାମାହା ପଞ୍ଚାୟତର କିଲାକିଆ ଠାରେ ମା ଭବାନୀ ସ୍ୱୟଂସହାୟିକା ଦଳ ଏହି ଟିଫିନ୍ ସେଣ୍ଟର ପରିଚାଳନା କରୁଛନ୍ତି ।

ଚାଷୀମାନଙ୍କୁ ଉନ୍ନତ କୃଷି କୌଶଳରେ ଉତ୍ପାଦନ ବୃଦ୍ଧି ପାଇଁ ସିଷ୍ଟମାଟିକ ମିଲେଟ ଇନ୍ଟେନ୍ସିଫିକେସନ (ଏସ୍.ଏମ୍.ଆଇ) ପ୍ରଣାଳୀରେ ମାଣ୍ଡିଆ ଚାଷ, ଜୈବିକ ଖତସାର ପ୍ରସ୍ତୁତି ଓ ପ୍ରୟୋଗ ପ୍ରଣାଳୀ, ରୋଗପୋକ ପରିଚାଳନା, ଫସଲ ଅମଳ ଓ ସାଇତିବା ପ୍ରଣାଳୀ ଆଦି ବିଷୟରେ ତାଲିମ ଦିଆଯାଇ ଦକ୍ଷ କରାଯାଇଛି । ଚାଷ ନିମନ୍ତେ ଚାଷୀମାନଙ୍କୁ ଉନ୍ନତ ବିହନ ମଧ ଯୋଗାଇ ଦିଆଯାଇଛି ।

ଚାଷୀମାନଙ୍କୁ ଚାଷ ସଂପର୍କିତ ଜ୍ଞାନ, ବଜାର ସଂପର୍କିତ ସୂଚନା ଓ ପାଣିପାଗ ତଥ୍ୟ ହାସଲ ପାଇଁ ବିଭିନ୍ନ କୃଷି ସୂଚନା ସଂସ୍ଥା ଓ ବିଭାଗ ସହ ସାମିଲ କରାଯାଇଛି ।



ଜୈବିକ ଚାଷର ପ୍ରସାର ପାଇଁ ଚାଷୀମାନଙ୍କୁ ଜୈବିକ ଖତସାର ପ୍ରସ୍ତୁତି ତାଲିମ ଦିଆଯାଇଛି । ଚାଷୀମାନେ ୧୦୬୮ ଲିଟର ହାଣ୍ଡିଖତ, ୬୪୦ ଲିଟର ଜୀବାମୃତ, ୭୦ ଲିଟର ବୀଜାମୃତ ପ୍ରସ୍ତୁତ କରିଛନ୍ତି । ୩୨୦ ଜଣ ଚାଷୀ ଜୈବିକ ଚାଷ କରିଛନ୍ତି ।

ଚଳିତ ବର୍ଷ ୯୪୩ ଜଣ ଚାଷୀ ୧୭୬୭.୫୨ କ୍ୱିଣ୍ଟାଲ୍ ଶସ୍ୟ ବିକ୍ରି କରିବା ସହ ସରକାରୀ ଦର ଅନୁସାରେ ୫୯,୬୮,୯୧୫ଟଙ୍କା ପାଇଛନ୍ତି ।

ଫଳାଫଳ ଓ ପ୍ରଭାବ

ସିଷ୍ଟମାଟିକ ମିଲେଟ ଇନ୍‌ଟେନ୍‌ସିଫିକେସନ୍ (ଏସ୍.ଏମ୍.ଆଇ) ପ୍ରଣାଳୀରେ ପ୍ରଣାଳୀରେ ମାଂଡିଆ ଚାଷ କରାଯିବା ଦ୍ୱାରା ପାରଂପରିକ ପଦ୍ଧତି ଠାରୁ ଚାଷୀମାନେ ୩ରୁ ୪ ଗୁଣା ଅଧିକ ଅମଳ ପାଇଛନ୍ତି ଏବଂ ଏହାକୁ ଏକ ଲାଭଜନକ ଫସଲ ହିସାବରେ ଗ୍ରହଣ କରିଛନ୍ତି । ମାଣ୍ଡିଆ ଚାଷ ଛାଡି ଦେଇଥିବା ଚାଷୀମାନେ ପୁଣି ଏହି ଚାଷ କରିବାକୁ ଆଗ୍ରହି ହେଉଛନ୍ତି ।

ମାଣ୍ଡିଆର ସରକାରୀ ବିକ୍ରି ବ୍ୟବସ୍ଥା ଯୋଗୁଁ ଚାଷୀମାନେ ଏହାର ଉପଯୁକ୍ତ ବଜାର ମୂଲ୍ୟ ପାଇପାରୁଛନ୍ତି ଏବଂ ସେମାନଙ୍କ ଆୟ ବୃଦ୍ଧିରେ ଏହା ସହାୟକ ହୋଇଛି । ସେବୁର ଅଭାବୀ ବିକ୍ରି ଓ ବ୍ୟବସାୟିକ ଶୋଷଣ ବନ୍ଦ ହୋଇଛି ।

କରୋନା ମହାମାରୀ ସମୟରେ ଲୋକ ମାନଙ୍କ ଜୀବନଜୀବିକା ଓ ରୋଜଗାରର ଅସ୍ଥିରତା ଗ୍ରାମୀଣ ପରିବାର ଗୁଡିକର ଖାଦ୍ୟ ଓ ପୁଷ୍ଟି ସୁରକ୍ଷାକୁ ବହୁମାତ୍ରାରେ ପ୍ରଭାବିତ କରିଥିଲା । ତେବେ ଏପରି ସ୍ଥଳେ କୃଷିକୁ ଜୀବିକା କରି ବଂଚୁଥିବା ପରିବାର ଗୁଡିକ ଏହି ପରିସ୍ଥିତିକୁ ମୁକାବିଲା କରିବାରେ ଅନେକ ମାତ୍ରାରେ ସଫଳ ହୋଇଛନ୍ତି । ନିଜେ ଚାଷ କରୁଥିବା ଖାଦ୍ୟଶସ୍ୟ ଓ ପରିବା ଆଦିରୁ କରୋନା ଦୁସ୍ଥିତି ସମୟରେ ପରିବାର ଚଳାଇବାରେ ସକ୍ଷମ ହୋଇଛନ୍ତି । ମାଣ୍ଡିଆ ଜାତିୟ ଶସ୍ୟ ଚାଷ କରୁଥିବା ଚାଷୀମାନେ ନିଜ ପରିବାରର ପୁଷ୍ଟି ସୁରକ୍ଷାରେ ସଫଳ ହୋଇ ପାରିଛନ୍ତି ।

ଗାଁ ଗୁଡିକରେ ମାଣ୍ଡିଆ ଜାତୀୟ ଖାଦ୍ୟଶସ୍ୟର ବିଭିନ୍ନ ଖାଦ୍ୟ ପ୍ରଦର୍ଶନୀ ମହିଳା ମାନଙ୍କ ଭିତରେ ଖାଦ୍ୟ ପ୍ରସ୍ତୁତିକରଣ ଆଗ୍ରହ ବଢାଇଛି । ମାଣ୍ଡଆର ପୁଷ୍ଟିତତ୍ୱ ଓ ଉପକାରିତା ସଂପର୍କରେ ସଚେତନତା ବୃଦ୍ଧି ପାଇଛି । ମହିଳା ଦଳ ଗୁଡିକ ମାଣ୍ଡିଆ ଜାତିୟ ଶସ୍ୟ ପ୍ରସ୍ତୁତ

ଜଳଖିଆ ଦୋକାନ ମାନ ଖୋଲିବା ଦ୍ୱାରା ଲୋକ ମାନଙ୍କ ମଧରେ ଏହାର ସୁସ୍ୱାଦୁ ଖାଦ୍ୟ ଗୁଡିକ ପ୍ରତି ଆଦର ବଢିଛି

ଏହି ଚାଷ ଯୋଗୁଁ ଗାଁ ଗୁଡିକରେ ଖାଦ୍ୟହୀନତା ଓ ପୁଷ୍ଟି-ହୀନତା ନିୟନ୍ତ୍ରଣ ହୋଇପାରିଛି । ଚାଷୀମାନଙ୍କର କୃଷି ବିଭାଗ ଏବଂ କୃଷି ସୂଚନା ଆଦି ସଂପର୍କିତ ଜ୍ଞାନ ବଢିଛି ।











# ଓଡିଶା ବନାଂଚଳ ଉନ୍ନୟନ ପ୍ରକଳ୍ପ - ଦ୍ୱିତୀୟ

**ଲକ୍ଷ୍ୟ ଓ ଆଭିମୁଖ୍ୟ**

ଜଙ୍ଗଲ ଅଂଚଳର ଗ୍ରାମବାସୀ ମାନଙ୍କ ସକ୍ରିୟ ସହଭାଗୀତାରେ କ୍ଷୟ ପାଇଆସୁଥିବା ପ୍ରାକୃତିକ ଜଙ୍ଗଲର ସୁରକ୍ଷା, ସୁପରିଚାଳନା ଏବଂ ଗ୍ରାମବାସୀ ମାନଙ୍କ ଜଙ୍ଗଲ ଭିତିକ ଜୀବନଜୀବିକାର ଉନ୍ନତୀ ସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଗୁଡିକର ସମନ୍ୱୟରେ ପ୍ରାକୃତିକ ଜଙ୍ଗଲ ଓ ଜଙ୍ଗଲବାସୀଙ୍କ ବିକାଶ ନିମନ୍ତେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ରାଜ୍ୟର ୨ଟି ପଶୁ ଅଭୟାରଣ୍ୟ ସହ ୧୪ଟି ବନଖଣ୍ଡରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ଭାରତ ସରକାର ଏବଂ ଜାପାନ ଇଂଟର୍‌ନାସ୍‌ନାଲ କୋପୋରେଟିଭ୍ ଏଜେନ୍‌ସି (ଜିକା)ର ମିଳିତ ସହଯୋଗରେ ଓଡିଶାର ଦଶଟି ଜିଲ୍ଲାରେ ଓଡିଶା ବନାଂଚଳ ଉନ୍ନୟନ ପ୍ରକଳ୍ପ – ଭାଗ ୨ କାର୍ଯ୍ୟକାରୀ ହୋଇ ଆସୁଛି । ଗଂଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ଅଧିନସ୍ଥ ୪ଟି ସେକ୍‌ସନ - ମୁଜାଗଡ, ଜଗନ୍ନାଥପ୍ରସାଦ, ମଧ୍ୟାଂଚଳ ଓ ତାରସିଂର ୧୦୦ଟି ବନସଂରକ୍ଷଣ ସମିତି ଏବଂ ୩୦୦ଟି ସ୍ୱୟଂସହାୟକ ଦଳ ଏହି କାର୍ଯ୍ୟକ୍ରମ ସହ ସଂପୃକ୍ତ ଅଛନ୍ତି । ମୁଜାଗଡ ଅଧିନରେ ୭ଟି ପଂଚାୟତର ୨୫ଟି ବନସଂରକ୍ଷଣ ସମିତି, ଜଗନ୍ନାଥପ୍ରସାଦର ୬ଟି ପଂଚାୟତର ୨୪ଟି ବନସଂରକ୍ଷଣ ସମିତି, ମଧ୍ୟାଂଚଳର ୧୧ଟି ପଂଚାୟତର ୨୫ଟି ବନସଂରକ୍ଷଣ ସମିତି ଏବଂ ତାରସିଂର ୫ଟି ପଞ୍ଚାୟତର ୨୬ଟି ବନସଂରକ୍ଷଣ ସମିତି ରହିଛି । ସ୍ୱାତୀ ଏହାର କ୍ଷେତ୍ରସ୍ତରୀୟ ପରିଚାଳନା ସହାୟତା ଦାୟିତ୍ୱ ତୁଲାଇଆସୁଛି ।

ଗୋଷ୍ଠୀ ସହାୟତାରେ ଅବକ୍ଷୟମୁଖି ଜଙ୍ଗଲର ପୁନରୁଦ୍ଧାର, ଜଙ୍ଗଲ ବିଭାଗ ଓ ଗୋଷ୍ଠୀ ସଂଗଠନ ଆଦିର ପରିଚାଳନା କୌଶଳକୁ ଦୃଢ କରିବା, ଜୈବବିବିଧତାର ସଂରକ୍ଷଣ ଓ ବୈଜ୍ଞାନିକ ଅଧାରିତ ପରିଚାଳନା, ଜଙ୍ଗଲବାସୀଙ୍କ ଜୀବନଜୀବିକାର ଉନ୍ନତୀ ପାଇଁ ବିଭାଗୀୟ କାର୍ଯ୍ୟକ୍ରମ ଗୁଡିକର କାର୍ଯ୍ୟକାରୀତା, ଜଙ୍ଗଲ ଉପରେ ନିର୍ଭରଶୀଳ ଗୋଷ୍ଠୀ ଗୁଡିକର ରୋଜଗାରରେ ଉନ୍ନତୀ ଏହି ପ୍ରକଳ୍ପର ମୂଖ୍ୟ ଆଭିମୁଖ୍ୟ ।

**୨୦୨୧-୨୨ ବର୍ଷରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ସମୂହ**

ମଧ୍ୟାଂଚଳର ଓ ତାରସିଂର ସମସ୍ତ ବନ ସଂରକ୍ଷଣ ସମିତିରେ ଗ୍ରାମସ୍ତରୀୟ ଯୋଜନା ପ୍ରସ୍ତୁତି ଓ ଗ୍ରାମସଭା ଅନୁମୋଦନ କାର୍ଯ୍ୟ ଶେଷ ହୋଇଛି ।

ମୁଜାଗଡ, ଜଗନ୍ନାଥ ପ୍ରସାଦ, ମଧ୍ୟାଂଚଳର ଓ ତାରସିଂ ସେକ୍‌ସନ୍‌ରେ ଗ୍ରାମଗୋଷ୍ଠୀ ସହାୟତାରେ ଜଙ୍ଗଲ ଅଂଚଳରେ ବୃକ୍ଷରୋପଣ କରାଯାଇଛି । ଜଙ୍ଗଲ ମଧ୍ୟସ୍ଥ ଖାଲି ଅଂଚଳରେ ନୂତନ ବନୀକରଣ କରାଯାଇଛି । ଜଙ୍ଗଲ ଗୁଡିକରେ ମୃର୍ତ୍ତିକା ଓ ଜଳ ସଂରକ୍ଷଣ ପାଇଁ ନାଳି





ତିଆରି, ହିତବନ୍ଧା ଓ ଟ୍ରେଂଚ ଖୋଳା ଆଦି କାର୍ଯ୍ୟ ହୋଇଛି । ସମସ୍ତ ସେକ୍ସନରେ ଗାଁ ଲୋକଙ୍କ ନିଜସ୍ୱ ଜମିରେ କୃଷି-ଜଙ୍ଗଲ ମାନ ସୃଷ୍ଟି କରାଯାଇଛି ।

ମୁଜାଗଡ, ଜଗନ୍ନାଥ ପ୍ରସାଦ, ମଧାଂଚଳ ଓ ତାରସିଂ ସେକ୍ସନର ଗାଁ ଗୁଡିକରେ ସମସ୍ତ ବନ ସଂରକ୍ଷଣ ସମିତି ସଭାଗୃହ ତିଆରି ଶେଷ ହୋଇଛି ।

ଗ୍ରାମବାସୀ ମାନଙ୍କ କୃଷିର ବିକାଶ ପାଇଁ ଜଳସେଚନର ସୁବିଧା, ଆଡିବନ୍ଧ ନିର୍ମାଣ, ସେଚକୂପ ଖନନ, କ୍ଷେତ ପୋଖରୀ ଖନନ, ଗଭୀରନଳକୂପ ଖନନ, ସିମେଂଟ୍ କେନାଲ ତିଆରି ଆଦି କାର୍ଯ୍ୟ ହୋଇଛି ।

ଗାଁ ଗୁଡିକରେ ପଶୁଚିକିତ୍ସା ଶିବିର ମାନ କରାଯାଇ ପଶୁରୋଗ ଚିକିତ୍ସା ଓ ଟୀକାକରଣ କରାଯାଇଛି ।

ଗାଁ ଗୁଡିକରେ ବିଭିନ୍ନ ସରକାରୀ ଯୋଜନା ଓ ବିଭାଗ ଗୁଡିକର ସମନ୍ୱୟରେ ଗ୍ରାମ ସଂଯୋଗୀକରଣ ରାସ୍ତା, କଲଭର୍ଟ ତିଆରି, ଗାଧୁଆ ଘର ଓ ପୋଖରୀ ପାହାଚ, ପାନୀୟଜଳ ପ୍ରକଳ୍ପ, ପୋଖରୀ ପୁନରୁଦ୍ଧାର, ସୋଲାର ଚାଳିତ ନଳକୂପ, ରାସ୍ତା ବିଦ୍ୟୁତିକରଣ, ଶ୍ମଶାନଘାଟ ନିର୍ମାଣ, ଗୋଷ୍ଠୀ ଶୌଚାଳୟ ତିଆରି, ଅଙ୍ଗନବାଡି ଘର ତିଆରି, ଆଦର୍ଶ ଗାଈଗୁହାଳ ତିଆରି, ନଦୀପାର୍ଶ୍ୱ ବନ୍ଧ ଆଦି କାର୍ଯ୍ୟ କରାଯାଇଛି ।

କୃଷିର ବିକାଶ ପାଇଁ ଅମୃତଭଣ୍ଡା ଚାଷ, କଦଳୀ ବଗିଚା, ପରିବା ଚାଷ, ଉନ୍ନତ କିସମର ବିନ୍ସ ଚାଷ, ମକାଚାଷ, ଫୁଲ ଚାଷ, ମୋ ଉପକାରୀ ବଗିଚା ଆଦି ନିମନ୍ତେ ସହାୟତା ଦିଆଯାଇଛି ।

ସେହିପରି ଜିଆଖତ ପ୍ରସ୍ତୁତି କୁଣ୍ଡ ତିଆରି, ଜମିଜମା ମରାମତି, ଚାଷୀ ମାନଙ୍କୁ ସ୍ପ୍ରେୟର ଆଦି ଦିଆଯାଇଛି । ପରିବାର ଗୁଡିକୁ ଘରବାଡି ପୁଷ୍ଟି ବଗିଚା ପାଇଁ ପରିବା ଚାରା ଓ ମଞ୍ଜିଆଦି ଯୋଗାଇ ଦିଆଯାଇଛି ।

ଅଭାବି ପରିବାର ଗୁଡିକର ରୋଜଗାର ବୃଦ୍ଧି ପାଇଁ ଆମ୍ବ ବଗିଚା, କାଜୁ ବଗିଚା, ମାଛ ଚାଷ, କୁକୁଡା ପାଳନନିମନ୍ତେ ସହାୟତା ଦିଆଯାଇଛି ।

ସ୍ୱୟଂ ସହାୟିକା ଦଳ ଗୁଡିକୁ ତାଲିମ୍ ଓ ପ୍ରଶିକ୍ଷଣ ଦିଆଯାଇ ଦକ୍ଷ କରାଯାଇଛି । ସେମାନଙ୍କୁ ବିଭିନ୍ନ ରୋଜଗାର ବୃଦ୍ଧି କାର୍ଯ୍ୟ ପାଇଁ ବ୍ୟାଙ୍କ ସହିତ ସଂପର୍କ କରାଯାଇଛି । ସେମାନେ ମାଛ ଚାଷ, କୁକୁଡା ପାଳନ, ଛତୁଚାଷ, କିରାନା ଦୋକାନ, ଖଲିପତ୍ର ସିଲେଇ, ହାଣ୍ଡିଓ୍ୱାସ୍ ପ୍ରସ୍ତୁତି, ବାଉଁଶ କାମ, ଅଟାକଳ ଚଳାଇବା ଆଦି ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟମାନ କରୁଛନ୍ତି ।

ଗତ କରୋନା ସମୟରେ ସ୍ୱୟଂସହାୟିକା ଦଳ ମାସ୍କ ତିଆରି କରି ସୁଲଭ ମୂଲ୍ୟରେ ବିକ୍ରି ଓ ବିତରଣ କରିଥିଲେ । ତିନିଟି ଦଳ ସ୍ଥାନୀୟ ପ୍ରଶାସନ ଠାରୁ ଅନୁମତି ନେଇ ଭ୍ରାମ୍ୟମାଣ ପରିବା ଓ ରାସନ ବିକ୍ରୟ କେନ୍ଦ୍ର ଖୋଲିଥିଲେ । ଦଳ ଗୁଡିକ ଗାଁ ସ୍ତରରେ କରୋନା ସଚେତନତା କାର୍ଯ୍ୟ କରିଥିଲେ ।

ସ୍ଥାନୀୟ ବନ ସୁରକ୍ଷା ଅଧିକାରୀ ଏବଂ ଗ୍ରାମବାସୀ ମାନଙ୍କୁ ନେଇ ଜଙ୍ଗଲ ସୁରକ୍ଷା ସଂପର୍କିତ ବିଭିନ୍ନ ପଦକ୍ଷେପ ଗୁଡିକ ବିଷୟରେ ଆଲୋଚନା କରାଯାଇଛି । ଜଙ୍ଗଲକୁ କିପରି ନିଆଁ ଦାଉରୁ ରକ୍ଷା କରାଯାଇ ପାରିବ, ନିଆଁ ଲାଗିଲେ ଗ୍ରାମବାସୀ ଏବଂ ସମିତିର ଦାୟିତ୍ୱ ଆଦି ବିଷୟରେ ସଚେତନତା ସୃଷ୍ଟି କରାଯାଇଛି ।

ମିଳିତ ଜଙ୍ଗଲ ପରିଚାଳନା ପଦ୍ଧତିରେ ମୃର୍ତ୍ତିକା ଓ ଜଳ ପରିଚାଳନା ପାଇଁ ନାଳ ମରାମତି, ଫାୟାର ଲାଇନ୍ ତିଆରି, ସୀମା ନିର୍ଦ୍ଧାରଣ ଆଦି କାର୍ଯ୍ୟ କରାଯାଇଛି ।

ବନ ସଂରକ୍ଷଣ ସମିତି ଓ ମହିଳା ଦଳ ଗୁଡିକ ସହାୟତାରେ ବିଶ୍ୱ ପରିବେଶ ଦିବସ, ବନ ମହୋତ୍ସବ, ମହିଳା ଦିବସ ଆଦି ଜାତୀୟ ଓ ଆନ୍ତର୍ଜାତୀୟ ଦିବସ ଗୁଡିକ ପାଳନ କରାଯାଇଛି ।



## ସଫଳତା ଓ ପ୍ରଭାବ

ବିଭିନ୍ନ ବିଭାଗର ସମନ୍ୱୟରେ ଗ୍ରାମବାସୀ ମାନଙ୍କୁ ମିଳିଥିବା ସହାୟତାରେ ଗାଁର କୃଷିଭିତିକ ରୋଜଗାର, ପଶୁପକ୍ଷୀ ପାଳନ, ମହିଳା ଦଳ ଗୁଡିକ ଦ୍ୱାରା ରୋଜଗାର ଭିତିକ କାର୍ଯ୍ୟରୁ ବାର୍ଷିକ ଆୟରେ ଅଭିବୃଦ୍ଧି ଘଟିଛି । ଗାଁରେ ବିକାଶମୂଳକ କାର୍ଯ୍ୟ ଗୁଡିକ ତ୍ୱରାନ୍ୱିତ ହୋଇଛି ଏବଂ ଲୋକମାନଙ୍କ ଭାଗୀଦାରିତା ବଢିଛି । ମାଛ ଚାଷ, ଛତୁ ଚାଷ, କୁକୁଡା ପାଳନ ଆଦିରୁ ବହୁ ପରିବାର ଆୟ ବୃଦ୍ଧି କରିଛନ୍ତି ।

ମହିଳା ଦଳ ଗୁଡିକର ସୁଦୃଢୀକରଣ ଏବଂ ଦକ୍ଷତା ବିକାଶ ତାଲିମ ମହିଳାମାନଙ୍କୁ ସଂଚୟ ଓ ରୋଜଗାର ପାଇଁ ସଂଗଠିତ କରିପାରିଛି । ମହିଳା ଦଳ ଗୁଡିକ ବିଭିନ୍ନ କ୍ଷୁଦ୍ର ଉଦ୍ୟୋଗ ମାନ କରି ନିଜ ଆୟ ବୃଦ୍ଧି କରିପାରିଛନ୍ତି । ଗତ କରୋନା ସମୟରେ ମହିଳା ଦଳ ଗୁଡିକ ସଚେତନତା ସୃଷ୍ଟି ଓ କରୋନାକାଳୀନ ସହାୟତା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ।

ବିଭିନ୍ନ କର୍ମନିଯୁକ୍ତ ଯଥା - ଏମ୍.ଜି,ଏନ୍,ଆର୍,ଇ.ଜି.ଏ କାମ, ରାସ୍ତା ତିଆରି, ବନୀକରଣ ଆଦି କାର୍ଯ୍ୟରେ ଲୋକମାନଙ୍କୁ ନିଯୁକ୍ତି ମିଳିବା ଯୋଗୁଁ ସେମାନଙ୍କୁ ରୋଜଗାର ମିଳିପାରିଛି ।

ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା, କାଠ ବ୍ୟବସାୟୀ ମାନଙ୍କୁ ଜଗିବା ଏବଂ ଜଙ୍ଗଲୀ ଜୀବଜନ୍ତୁ ମାନଙ୍କୁ ସୁରକ୍ଷା ଦେବାରେ ଗ୍ରାମବାସୀ ମାନଙ୍କ ସଂପୃକ୍ତି ବୃଦ୍ଧି ପାଇଛି । ଚଳିତ ବର୍ଷ ଜଙ୍ଗଲକୁ ନିଆଁଦାଉରୁ ରକ୍ଷା ପାଇଁ ବନସଂରକ୍ଷଣ ସମିତି ଗୁଡିକ ମୁଖ୍ୟ ଭୂମିକା ତୁଲାଇଥିଲେ ।

ଘରବାଡି ପୁଷ୍ଟି ବଗିଚା ଓ ମୋ ଉପକାରୀ ବଗିଚା ଆଦି ମାଧମରେ ପରିବାର ଗୁଡିକର ଖାଦ୍ୟ ଓ ପୁଷ୍ଟି ଆବଶ୍ୟକତାକୁ ସମାଧାନ କରାଯାଇପାରିଛି ।

ଗାଁ ଗୁଡିକରେ ବିଭିନ୍ନ ସରକାରୀ ବିଭାଗର ସମନ୍ୱୟରେ ଭିତିଭୂମିର ବିକାଶ ଯୋଗୁଁ ଅନୁଷ୍ଠାନିକ ଅଭିବୃଦ୍ଧି ହୋଇଛି ।






## ଚାଷୀ ଉତ୍ପାଦକ କମ୍ପାନୀ

ଚାଷୀମାନଙ୍କୁ ସଂଗଠିତ କରି ଉନ୍ନତ କୃଷିର ପ୍ରୟୋଗ, ସମବାୟ ଭିତ୍ତିକ ବଜାର ବ୍ୟବସ୍ଥା ଏବଂ ସରକାରୀ ସୁବିଧା ସୁଯୋଗ ହାସଲ ନିମନ୍ତେ ସ୍ୱାତୀ ସହାୟତାରେ ବିଭିନ୍ନ ଅଂଚଳରେ ପାଂଚଟି ଚାଷୀ ଉତ୍ପାଦକ କମ୍ପାନୀ ଗଠନ କରାଯାଇଛି । ତୁମୁଡିବନ୍ଧ ଅଂଚଳରେ ସୁର୍ଯ୍ୟାଭଙ୍ଗା ଚାଷୀ ଉତ୍ପାଦକ କମ୍ପାନୀ, ରାଇକିଆ ଅଂଚଳରେ ରାଇକିଆ ଚାଷୀ ଉତ୍ପାଦକ କମ୍ପାନୀ, ଜି ଉଦୟଗିରି ଗଡବିଶର ଉନ୍ନତି ଚାଷୀ ଉତ୍ପାଦକ କମ୍ପାନୀ, ଗୁଟିଙ୍ଗିଆର ଉଦ୍ୟୋଗୀ ଚାଷୀ ଉତ୍ପାଦକ କମ୍ପାନୀ ଏବଂ କ.ନୂଆଗାଁ ଅଂଚଳରେ ହାତୀଶାଳ ଚାଷୀ ଉତ୍ପାଦକ କମ୍ପାନୀ ଗଢାଯାଇଛି ।

ବାଡି ଚାଷୀମାନଙ୍କୁ ନେଇ ଗଠିତ ସୁର୍ଯ୍ୟାଭଙ୍ଗା ଉତ୍ପାଦକ କମ୍ପାନୀ ଲିଃ ଚାଷୀମାନଙ୍କର ଆମ୍ବ ଓ କଦଳୀ ଆଦି ଫଳ ସହ ଝୁଡଙ୍ଗ, ଶୋରିଷ, ମାଣ୍ଡିଆ, ମକା, ବିରି ଆଦି କୃଷିଜାତ ଦ୍ରବ୍ୟର ବ୍ୟବସାୟ କରିଛନ୍ତି । ଗତ ବର୍ଷ ଗୁଡିକରେ କରୋନା କାରଣରୁ ଆମ୍ବ ବାହାରକୁ ପଠାଇବା ଓ ବାହାର ବ୍ୟବସାୟୀ ମାନେ ଆସି ନପାରିବା କାରଣରୁ ସ୍ଥାନୀୟ ଅଂଚଳରେ ଏହାର ବିକ୍ରି ବ୍ୟବସ୍ଥା କରାଯାଇଥିଲା ।

ସୁର୍ଯ୍ୟାଭଙ୍ଗା ଉତ୍ପାଦକ କମ୍ପାନୀର ସଭ୍ୟସଭ୍ୟା ମାନଙ୍କୁ ନେଇ ବିଭିନ୍ନ କର୍ମଶାଳା ଆୟୋଜନ କରାଯିବା ସହ ସେମାନଙ୍କୁ ସ୍ଥାନୀୟ କୃଷି ବିଭାଗ ଅଧିକାରୀ ମାନଙ୍କ ସହ ବିଭିନ୍ନ ଚାଷ ସମସ୍ୟା ନେଇ ଆଲୋଚନା କରାଇବା, ବଜାର ବ୍ୟବସ୍ଥା ଏବଂ ସେମାନଙ୍କର କୃଷିଜାତ ଦ୍ରବ୍ୟଗୁଡିକର ମୂଲ୍ୟାୟନ ସଂପର୍କରେ ଅବଗତ କରାଇବା, ବିଭିନ୍ନ ବଜାର କୌଶଳ ସଂପର୍କରେ ଅବଗତ କରାଇବା ଆଦି ଦିଗରେ ଦକ୍ଷ କରାଯାଇଛି ।

ଜି.ଉଦୟଗିରି ଗଡବିଶର ଉନ୍ନତି ଚାଷୀ ଉତ୍ପାଦକ କମ୍ପାନୀ, ଗୁଟିଙ୍ଗିଆର ଉଦ୍ୟୋଗୀ ଚାଷୀ ଉତ୍ପାଦକ କମ୍ପାନୀ, ରାଇକିଆ ଅଂଚଳରେ ରାଇକିଆ ଚାଷୀ ଉତ୍ପାଦକ କମ୍ପାନୀ, ଏବଂ କ.ନୂଆଗାଁ ଅଂଚଳରେ ହାତୀଶାଳ ଚାଷୀ ଉତ୍ପାଦକ କମ୍ପାନୀର ସଭ୍ୟ/ସଭ୍ୟା ସଂଗ୍ରହ, ଅଂଶଧନ ସଂଗ୍ରହ, ପଂଜୀକରଣ ଆଦି କାର୍ଯ୍ୟ ଶେଷ ହୋଇଛି । ସଭ୍ୟସଭ୍ୟା ଓ କର୍ମକର୍ତା ମାନଙ୍କୁ ତାଲିମ୍ ଓ ଏକ୍ସପୋଜର ମାଧ୍ୟମରେ କମ୍ପାନୀ ପରିଚାଳନା ସଂପର୍କରେ ଦକ୍ଷ କରାଯାଇଛି ।

ଚଳିତ ବର୍ଷ ଚାଷୀ ଉତ୍ପାଦକ କମ୍ପାନୀ ଗୁଡିକର ସଭ୍ୟସଭ୍ୟା ମାନଙ୍କୁ ନେଇ ପରିଚାଳନା ପରିଷଦ ବୈଠକ ମାନ କରାଯିବା ସହ ନୂଆ ସଭ୍ୟ ସଭ୍ୟା ସଂଗ୍ରହ, ସଭ୍ୟ ଚାନ୍ଦା ସଂଗ୍ରହ, ଚାଷୀମାନଙ୍କ ଉତ୍ପାଦିତ ଶସ୍ୟ ଓ ଫସଲର ବଜାର ବ୍ୟବସ୍ଥା, ସାଂପ୍ରତିକ କରୋନା ସମୟରେ ଚାଷୀମାନଙ୍କ ଦୁରାବସ୍ଥା ସଂପର୍କରେ ଆଲୋଚନା ମାନ କରାଯାଇଛି ।

ଉତ୍ପାଦକ କମ୍ପାନୀ ଗୁଡିକର ସଭ୍ୟସଭ୍ୟା ମାନଙ୍କୁ ନେଇ ବିଭିନ୍ନ କର୍ମଶାଳା ଆୟୋଜନ କରାଯିବା ସହ ସେମାନଙ୍କୁ ସ୍ଥାନୀୟ କୃଷି ବିଭାଗ ଅଧିକାରୀ ମାନଙ୍କ ସହ ବିଭିନ୍ନ ଚାଷ ସମସ୍ୟା ନେଇ ଆଲୋଚନା କରାଇବା, ବଜାର ବ୍ୟବସ୍ଥା ଏବଂ ସେମାନଙ୍କର କୃଷିଜାତ ଦ୍ରବ୍ୟଗୁଡିକର ମୂଲ୍ୟାୟନ ସଂପର୍କରେ ଅବଗତ କରାଇବା, ବିଭିନ୍ନ ବଜାର କୌଶଳ ସଂପର୍କରେ ଅବଗତ କରାଇବା ଆଦି ଦିଗରେ ଦକ୍ଷ କରାଯାଇଛି ।

ସୁର୍ଯ୍ୟାଭଙ୍ଗା ଚାଷୀ ଉତ୍ପାଦକ କମ୍ପାନୀ ଦ୍ୱାରା ଆମ୍ବ ଓ କଦଳୀ ବିକ୍ରିର ବ୍ୟବସ୍ଥା କରାଯାଇଥିବାବେଳେ ରାଇକିଆ ଚାଷୀ ଉତ୍ପାଦକ କମ୍ପାନୀ ଦ୍ୱାରା ମାଣ୍ଡିଆ ଜାତୀୟ ଶସ୍ୟର ବିକ୍ରି ବ୍ୟବସ୍ଥା କରାଯାଇଛି ।



**ପ୍ରଭାବ ଓ ସଫଳତା**

ସୁର୍ଗାଭଙ୍ଗା ଉତ୍ପାଦକ କମ୍ପାନୀ ଗଠନ ଦ୍ୱାରା ଚାଷୀମାନେ ନିଜ ଉତ୍ପାଦିତ ସାମଗ୍ରୀର ବଜାର ସୁବିଧା ଓ ଉଚିତ ମୂଲ୍ୟ ପାଇବାର ଆଶା ସଂଚାର ହୋଇଛି । ଏହା ମାଧ୍ୟମରେ ସେମାନେ ଚାଷୀ ସହାୟତା ହାସଲ କରିବା, ନିଜର ସୁବିଧା ଅସୁବିଧାକୁ ସରକାରଙ୍କ ନଜରକୁ ଆଣିବା ଏବଂ ଚାଷୀ ଅଧିକାର ହାସଲ ପାଇଁ ଏକ ଉପଯୁକ୍ତ ମଂଚ ପାଇ ପାରିଛନ୍ତି ।

ବାଡି ଚାଷରେ ଉନ୍ନତ ପନିପରିବା ଚାଷ, ଫଳ ଉତ୍ପାଦନ ଏବଂ ବଜାର ଉପଯୋଗୀ ଚାଷ ଦ୍ୱାରା ସେମାନଙ୍କର ବଜାର ସଂପର୍କ ଓ ଜ୍ଞାନ ବଢିଛି । ଆଗରୁ ରହିଆସିଥିବା ସ୍ଥାନୀୟ ବ୍ୟବସାୟୀଙ୍କ ଶୋଷଣ ମାତ୍ରା କମିବା ସହ ସେମାନଙ୍କର ସିଧାସଳଖ ବଜାର ସହ ସଂପର୍କ ସୃଷ୍ଟି ହୋଇଛି ।



# ନିର୍ଦ୍ଦିଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା

# (ଫୋକସ୍‌ଡ ଏରିଆ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ)

**କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୂଖ୍ୟ**

ରାଜ୍ୟର ଆଦିବାସୀ ଅଂଚଳ ଗୁଡିକରେ ଜୀବନଜୀବିକାର ବିକାଶ, ଜୀବିକା ଭିତିଭୂମୀର ବିକାଶ ଏବଂ ଆଦିବାସୀ ଗୋଷ୍ଠୀ ସଂଗଠନ ଗୁଡିକର ସୁଦୃଢୀକରଣ ନିମନ୍ତେ ରାଜ୍ୟ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ରାଜ୍ୟର ସମସ୍ତ ଆଦିବାସୀ ଉପଯୋଜନା ଅନ୍ତର୍ଭୁକ୍ତ ଅଂଚଳ ଗୁଡିକରେ କାର୍ଯ୍ୟକାରୀ ହେଉଛି ନିର୍ଦ୍ଦିଷ୍ଟ ଅଂଚଳ ଉନ୍ନୟନ ଯୋଜନା ବା ଫୋକସ୍‌ଡ ଏରିଆ ଡେଭ-ଲପ୍‌ମେଂଟ୍ ପ୍ରୋଗ୍ରାମ । କନ୍ଧମାଳ ଜିଲ୍ଲାରେ ଦୁଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଫୁଲବାଣୀ ଏବଂ ବାଲିଗୁଡା ଜରିଆରେ ଜିଲ୍ଲାର ଆଦିବାସୀ ପରିବାର ଗୁଡିକର ଜୀବିକା ଏବଂ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଏହି କାର୍ଯ୍ୟକ୍ରମ କରାହୋଇଆସୁଛି । ଏହି ଯୋଜନା ମାଧ୍ୟମରେ ଉନ୍ନତ କୃଷି, ଉଦ୍ୟାନକୃଷି, ପଶୁପାଳନ ଓ ଆଦିବାସୀ ଯୁବଗୋଷ୍ଠୀର ଦକ୍ଷତା ବିକାଶ ପରି ଚାରିଟି ଦିଗ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି । ସ୍ୱାତୀ ଏହି କାର୍ଯ୍ୟକ୍ରମରେ ଏକ ସହଯୋଗୀ ଅନୁଷ୍ଠାନ ହିସାବରେ କନ୍ଧମାଳ ଜିଲ୍ଲାରେ କାର୍ଯ୍ୟକରୁଛି ।

କନ୍ଧମାଳ ଜିଲ୍ଲା ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିନସ୍ଥ ୩ଟି ବ୍ଲକ୍ ଫିରିଙ୍ଗିଆ, ଫୁଲବାଣୀ ଓ ଖଜୁରୀପଡାର ୪୮ଟି ଗ୍ରାମ ପଞ୍ଚାୟତର ୧,୭୪,୮୪୬ ଲୋକସଂଖ୍ୟା ଏବଂ ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିନସ୍ଥ ୯ଟି ବ୍ଲକ୍ ଅଂଚଳର ୧୨୩ଟି ଗ୍ରାମ ପଞ୍ଚାୟତ ଅଧିନସ୍ଥ ୬୦୩୧୦ ପରିବାରର ୨,୪୫,୨୧୦ ଲୋକସଂଖ୍ୟା ଅଧିଷିତ ଅଂଚଳରେ ସ୍ୱାତୀ ଏହି କାର୍ଯ୍ୟକ୍ରମର ସଂଯୋଜନା କରୁଛି ।

## ୨୦୨୧ – ୨୨ ବର୍ଷର କାର୍ଯ୍ୟକ୍ରମ

### କୃଷି ସହାୟତା କାର୍ଯ୍ୟକ୍ରମ

| ବାଲିଗୁଡା ଆ.ଇ.ଟି.ଡି.ଏ | | | | ଫୁଲବାଣୀ ଆ.ଇ.ଟି.ଡି.ଏ | | |
|---|---|---|---|---|---|---|
| କୃଷି | କ୍ଲଷ୍ଟର ସଂଖ୍ୟା | ଚାଷ ପରିମାଣ | ଉପକୃତ ଚାଷୀ ସଂଖ୍ୟା | କ୍ଲଷ୍ଟର ସଂଖ୍ୟା | ଚାଷ ପରିମାଣ | ଉପକୃତ ଚାଷୀ ସଂଖ୍ୟା |
| ବାଦାମ ଚାଷ | ୨ | ୨୦୦ ଏକର | ୩୫୦ | ୧ | ୧୩୫ ଏକର | ୨୬୦ |
| ବିନ୍ସ | ୪ | ୩୭୫ ଏକର | ୬୦୦ | ୧ | ୨୦୦ ଏକର | ୧୨୦୫ |
| ଶୋରିଷ | ୧ | ୧୨୫ ଏକର | ୨୦୦ | | | |
| କଲରା | ୧ | ୧୨୫ ଏକର | ୨୩୫ | ୧ | ୨୫ ଏକର | ୧୧୦ |
| ଲଙ୍କା | ୧ | ୧୨୫ ଏକର | ୧୫୦ | ୧ | ୫୦ ଏକର | ୬୨ |
| ବାଇଗଣ | ୧ | ୬୨.୫ ଏକର | ୫୦ | ୧ | ୧୭୫ ଏକର | ୬୨୧ |
| ଫୁଲକୋବି | ୨ | ୧୨୫ ଏକର | ୧୦୦ | ୨ | ୫୦ ଏକର | ୧୭୮ |
| ମକା | ୧ | ୨୫୦ ଏକର | ୨୦୦ | | | |
| ବନ୍ଧାକୋବି | ୧ | ୧୨୫ | ୧୦୦ | | | |
| ବାସ୍ନା ଧାନ | ୨ | ୧୮୫ | ୩୨୫ | ୧ | ୧୩୦ ଏକର | ୨୦୩ |
| ସୁଇଟ୍ କର୍ଣ୍ଣ ଚାଷ | ୧ | ୧୨୫ | ୧୦୦ | ୧ | ୨୦୦ ଏକର | ୩୭୩ |
| ଟମାଟୋ | ୧ | ୧୨୫ | ୧୩୬ | ୧ | ୩୭.୫ ଏକର | ୯୧ |
| ହରଡ | | | | ୧ | ୯୫ ଏକର | ୧୩୯ |
| ସୂର୍ଯ୍ୟମୁଖି ଚାଷ | | | | ୧ | ୨୫୦ ଏକର | ୧୭୯ |
| ଅଦା | | | | ୧ | ୫୭ ଏକର | ୧୯୭ |
| ବ୍ରକୋଲି | | | | ୧ | ୨୫ ଏକର | ୪୯ |
| ମଟର | | | | ୧ | ୬୨.୫ ଏକର | ୩୨୬ |

ଉଦ୍ୟାନ କୃଷି ସହାୟତା ଭାବେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ୯ଟି ଅଂଚଳରେ ୧୫୭.୨୫ ଏକର ଜମିରେ ପରିବା ଚାଷ ପାଇଁ ୨୪୯୪ ଜଣ ଚାଷୀଙ୍କୁ ସହାୟତା ଦିଆଯାଇଛି । ୧୧୦୭ ଜଣ ଚାଷୀଙ୍କୁ ବିଭିନ୍ନ ଉନ୍ନତ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯାଇଛି । ୨୭୦ ଜଣ ଚାଷୀଙ୍କୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଇଛି । ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଚାଷୀମାନଙ୍କୁ ଉନ୍ନତ କିସମ କଦଳୀ ଚାରା ଯୋଗାଇ ଦିଆଯିବା ସହ ୧୨୦ ଜଣ ଚାଷୀଙ୍କୁ ତାରବାଡ ଦିଆଯାଇଛି । ୯ଟି ବ୍ଲକ୍‌ର ୨୩୨ ଜଣ ଚାଷୀଙ୍କୁ ଡିଜେଲ୍ ପମ୍ପ ସେଟ୍, ୨୫୯ ଜଣ ଚାଷୀଙ୍କୁ ସୌର ଚାଳିତ ଜଳସେଚନ ବ୍ୟବସ୍ଥା, ୧୦୬ ଚାଷୀଙ୍କ ଜମିରେ ଜଳ ସେଚନ ବ୍ୟବସ୍ଥା କରାଯାଇଛି ।

ପଶୁପାଳନ ସହାୟତା ଭାବେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ୩ଟି କ୍ଲଷ୍ଟରରେ ୯୦୭ ଜଣଙ୍କୁ କୁକୁଡା ଚାଷ ଏବଂ ୧୨୦ ଜଣଙ୍କୁ ମାଛଚାଷ ସହାୟତା ଦିଆଯାଇଛି । ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ୮୮୦ ଜଣଙ୍କୁ କୁକୁଡା ପାଳନ ସହାୟତା ଦିଆଯାଇଛି । ମହିଳା ମାନଙ୍କ ରୋଜଗାର ଉନ୍ନତୀ ପାଇଁ ୧୮ ଜଣଙ୍କୁ ଛତୁଚାଷ, ୧୬ ଜଣଙ୍କୁ ମାଛ ଚାଷ, ୫ଟି ମହିଳା ଦଳକୁ ଧାନକଳ





ଯୋଗାଇ ଦିଆଯାଇଛି । ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଦୁଇଟି ବୃହତ୍ ମହିଳା ବାଣିଜ୍ୟ ସଂଘ କରାଯାଇ ସେମାନଙ୍କୁ ଲଘୁବନଜାତ ଏବଂ କୃଷିଜାତ ଦ୍ରବ୍ୟ ବ୍ୟବସାୟ ପାଇଁ ସହାୟତା ଦିଆଯାଇଛି । ଏଥିରେ ୬୦୦ ମହିଳା ସଭ୍ୟା ଉପକୃତ ହେଉଛନ୍ତି ।

କର୍ମନିଯୁକ୍ତି ଯୋଜନାରେ ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଏମ୍.ଜି.ଏନ୍.ଆର୍.ଇ.ଜି.ଏ ମାଧ୍ୟମରେ ୯ଟି ବ୍ଲକ୍ ଅଂଚଳରେ ସମୁଦାୟ ୩୬୪୮୧୨ କର୍ମଦିବସ ସୃଷ୍ଟି କରାଯାଇଛି ।

**ସଫଳତା ଓ ପ୍ରଭାବ**

ଏହି କାର୍ଯ୍ୟକ୍ରମ ଯୋଗୁଁ ଆଦିବାସୀ ପରିବାର ଗୁଡିକର ଜୀବନଜୀବିକା ଏବଂ ଆୟ ବ୍ୟବସ୍ଥା ଦୃଢ ହୋଇଛି ।

ମିଶନ-୧୭୧ କାର୍ଯ୍ୟକ୍ରମର ସଫଳତା ଜୀବନଜୀବିକାର ବିକାଶ ଦିଗରେ ଏକ ଉଦାହରଣ ସୃଷ୍ଟି କରିଛି । ଏହାଦ୍ୱାରା ଚାଷୀପରିବାର ଗୁଡିକ ସ୍ଥାୟୀ ବିକାଶ ପାଇବାର ସମ୍ଭାବନା ସୃଷ୍ଟି ହୋଇଛି । ମିଶନ ଜୀବିକା ମାଧ୍ୟମରେ ଦିଆଯାଇଥିବା ସହାୟତା ଚାଷୀମାନଙ୍କର ଆୟବୃଦ୍ଧି ସହ ରୋଜଗାର ଓ କର୍ମନିଯୁକ୍ତି ଦେଉଛି ।

ଗାଁ ଗୁଡିକରେ କୃଷିଭିତିକ ଜୀବିକା ସୁଦୃଢ ହୋଇପାରିଛି ଏବଂ ମହିଳା ଦଳ ଗୁଡିକ ବିଭିନ୍ନ ଆୟବର୍ଦ୍ଧକ କାର୍ଯ୍ୟକ୍ରମ-ମାନ ଗ୍ରହଣ କରି ନିଜସ୍ୱ ଉପାର୍ଜନ ଓ ସଂଚୟ ବୃଦ୍ଧି କରିପାରିଛନ୍ତି ।

କୃଷିଭିତିକ ବିକାଶ ଯୋଗୁଁ ପରିବାର ଗୁଡିକର ଖାଦ୍ୟ ଓ ପୁଷ୍ଟିର ସୁରକ୍ଷା ହୋଇ ପାରୁଛି । ଚାଷୀମାନେ ବିଭିନ୍ନ ଉନ୍ନତ କିସମ ପରିବା ଚାଷ କରି ଉତ୍ପାଦନ ବୃଦ୍ଧି ସହ ବଜାରରେ ବିକି ଲାଭ କରି ପାରୁଛନ୍ତି । ଜିଲ୍ଲାର କୃଷି ବିକାଶ ଦିଗରେ ଏହି କାର୍ଯ୍ୟକ୍ରମ ବେଶ୍ ସହାୟକ ହୋଇ ପାରିଛି ।



## ପୂର୍ବ କାର୍ଯ୍ୟ ଗୁଡିକର ପରିଚାଳନା ଓ ତଦାରଖ

ସ୍ୱାତୀ ଦ୍ୱାରା ପୂର୍ବ ବର୍ଷ ଗୁଡିକରେ ହୋଇଥିବା ବିଭିନ୍ନ ଜୀବନଜୀବିକା କାର୍ଯ୍ୟକ୍ରମ ଯଥା - ନାବାର୍ଡ ବାଡି ଯୋଜନା, ଓଡିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା କାର୍ଯ୍ୟକ୍ରମ, ଏମ୍.ଜି.ଏନ୍.ଆର୍.ଜି.ଏ ମାଧ୍ୟମରେ ହୋଇଥିବା ଫଳ ବଗିଚା, ମିଶନ୍ – ୧୭୧ ମାଧ୍ୟମରେ ହୋଇଥିବ କୃଷି ଫାର୍ମ, ଧାନ ଗବେଷଣା କେନ୍ଦ୍ର , ମାଧ୍ୟମରେ ହୋଇଥିବା ଉନ୍ନତ କିସମ ଧାନଚାଷ ଯୋଜନା, ମହିଳା ଚାଷୀଙ୍କ ବିକାଶ କାର୍ଯ୍ୟକ୍ରମ ଆଦି ମାଧ୍ୟମରେ ହୋଇଥିବା କୃଷି ବିକାଶ, ଉଦ୍ୟାନ ବିକାଶ, ପଶୁ ସଂପଦ ବିକାଶ ଆଦିରେ କରାଯାଇଥିବା କାର୍ଯ୍ୟଗୁଡିକର ନୀୟମିତ ତଦାରଖ ଏବଂ ସୁପରିଚାଳନା କରାହୋଇ ଆସୁଛି । ଏହି ସବୁ କାର୍ଯ୍ୟକ୍ରମରେ ଗଠିତ କୃଷକ ଦଳ ଓ ମହିଳା ଚାଷୀ ଦଳ ମାନଙ୍କୁ ଦକ୍ଷତା ବୃଦ୍ଧି ତାଲିମ୍ ସହ ଉନ୍ନତ କୃଷି ପାଇଁ ସହାୟତା ଦିଆହୋଇ ଆସୁଛି । ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ଚାଷୀ ମାନଙ୍କୁ ଜୈବିକ କୃଷି ସହାୟତା ଦିଆଯାଉଛି ।




# ସ୍ୱାସ୍ଥ୍ୟ ସେବା

କନ୍ଧମାଳ ଜିଲ୍ଲାରୁ କାର୍ଯ୍ୟ ଆରମ୍ଭ କରିଥିବା ସ୍ୱାତୀ ଏପରି ଏକ ଦୁର୍ଗମ ମ୍ୟାଲେରିଆ ପ୍ରବଣ, ସ୍ୱାସ୍ଥ୍ୟ ସେବା ଅପହଂଚ ଓ ସ୍ୱାସ୍ଥ୍ୟଗତ ସଚେତନତାର ଅଭାବ ଥିବା ଅଂଚଳରେ ସ୍ୱାସ୍ଥ୍ୟ ସେବା ହିଁ ବିକାଶର ପ୍ରଥମ ସୋପାନ ବୋଲି ବିଚାର କରି ଏହାକୁ ପ୍ରାଥମିକତା ଦେଇ ଆସିଛି । ଗୋଷ୍ଠୀର ମୌଳିକ ଆବଶ୍ୟକତା ଭିତରୁ ସ୍ୱାସ୍ଥ୍ୟସେବା ପ୍ରଧାନ । ଏହା ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥା ସହ ଗୋଷ୍ଠୀ ବିକାଶକୁ ବହୁଳ ଭାବେ ପ୍ରଭାବିତ କରିଥାଏ । ତେଣୁ ଗୋଷ୍ଠୀ ନିକଟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଏବଂ ସେମାନଙ୍କୁ ସ୍ୱାସ୍ଥ୍ୟସଚେତନ କରାଇ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାକୁ ଉନ୍ନତ କରାଇବା ସ୍ୱାତୀର ମୁଖ୍ୟ ଉଦ୍ଦେଶ୍ୟ ମାନଙ୍କ ଭିତରେ ଅନ୍ୟତମ ହୋଇ ରହିଆସିଛି । ଏକ ସୁସ୍ଥ ଗୋଷ୍ଠୀ ଜୀବନ ପ୍ରତିଷ୍ଠା ପାଇଁ ସ୍ୱାତୀ ସରକାରୀ ବିଭାଗ ଓ ବେସରକାରୀ ଅନୁଷ୍ଠାନ ଗୁଡିକ ସହାୟତାରେ ଅନେକ ସ୍ୱାସ୍ଥ୍ୟ ବିକାଶ କାର୍ଯ୍ୟକ୍ରମ ମାନ ଗ୍ରହଣ କରିଆସିଛି ।

ଗୋଷ୍ଠୀ ସ୍ୱାସ୍ଥ୍ୟର ଉନ୍ନତୀ ପାଇଁ ଏହା ମାଲେରିଆ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ, ନବଜାତ ଶିଶୁସ୍ୱାସ୍ଥ୍ୟ ଓ ପୁଷ୍ଟି କାର୍ଯ୍ୟକ୍ରମ (ଏମ୍.ଏନ୍.ସି.ଏଚ୍.ଏନ), ମାତୃଗୃହ, ଭି-୪ ସବ୍‌ସେଣ୍ଟର କାର୍ଯ୍ୟକ୍ରମ, ଏଡ୍‌ସ ନିରାକରଣ ଓ ଟାର୍ଗେଟେଡ୍ ଇଂଟରଭେନ୍‌ସନ୍, ତୃତୀୟଲିଙ୍ଗୀ ଓ କିନ୍ନର ମାନଙ୍କ ପାଇଁ ପେହେଚାନ୍, ପାଇଖାନା ପ୍ରସ୍ତୁତି ସାମଗ୍ରୀ ଓ କୌଶଳଗତ ତାଲିମ୍ ପାଇଁ ପରିମଳ ପ୍ରତିଷ୍ଠାନ, ଗୋଷ୍ଠୀ ସଂଚାଳିତ ପରିମଳ କାର୍ଯ୍ୟକ୍ରମ, ସ୍ୱଚ୍ଛ ଭାରତ ଅଭିଯାନ, ଘରୋଇ ବର୍ଜ୍ୟ ପରିଚାଳନା ଏବଂ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ଡି.ବି.ଆଇ ଜଳଯୋଗାଣ ଆଦି କାର୍ଯ୍ୟକ୍ରମ ଏହାର ଅନ୍ତର୍ଭୁକ୍ତ । ଏଥିମଧ୍ୟରୁ କେତେକ କାର୍ଯ୍ୟକ୍ରମର ସମୟସୀମା ଶେଷ ହୋଇଥିବା ବେଳେ ଅନ୍ୟ କେତେକ ନୂଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହାଛଡା ଜିଲ୍ଲା ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସହ ନିୟମିତ ଯୋଗାଯୋଗ ରଖି ସ୍ୱାତୀ ସ୍ୱାସ୍ଥ୍ୟ ସୁରକ୍ଷା କାର୍ଯ୍ୟକ୍ରମ ମାନ ମଧ୍ୟ ଗ୍ରହଣ କରୁଛି । ଜିଲ୍ଲାରେ ମ୍ୟାଲେରିଆ ସଚେତନତା ଓ ନିରାକରଣ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତୀ, ଏଡ୍‌ସ ନିରାକରଣ, ପାନୀୟଜଳ ଓ ପରିମଳ ବିକାଶ ଏବଂ କିଶୋରୀ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଅନୁଷ୍ଠାନର କାର୍ଯ୍ୟ ବେଶ୍ ଉଲ୍ଲେଖଯୋଗ୍ୟ ।

ଏବେ ସ୍ୱାତୀ ଦ୍ୱାରା ଫିରିଙ୍ଗିଆ ଓ ଭୁବନେଶ୍ୱର ବସ୍ତି ଅଂଚଳରେ କିଶୋର ଓ ଶିଶୁସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ - ପି.ଆର୍.ଏ.ସି.ଡି.ଆଇ.ପି, କନ୍ଧମାଳ ଜିଲ୍ଲାରେ ଏଡ୍‌ସ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ ଟାର୍ଗେଟେଡ୍ ଇଂଟରଭେନ୍‌ସନ, କନ୍ଧମାଳ ଜିଲ୍ଲାରେ ତୃତୀୟ ଲିଙ୍ଗଙ୍କ ପାଇଁ ସ୍ୱାସ୍ଥ୍ୟ ଓ ବିକାଶ କାର୍ଯ୍ୟକ୍ରମ ସ୍ୱୀକୃତି, ଫିରିଙ୍ଗିଆ, ଟିକାବାଲି ଓ କ.ନୂଆଗାଁ ବ୍ଲକ୍ ଅଂଚଳରେ ଗର୍ଭବତୀ ମହିଳା ମାନଙ୍କ ଡାକ୍ତରୀ ପ୍ରସବ ସୁବିଧା ପାଇଁ ମାତୃଗୃହ, କନ୍ଧମାଳରେ କରୋନା ସଚେତନତା ଓ ସହାୟତା, ଫିରିଙ୍ଗିଆ ବ୍ଲକ୍‌ରେ ବାଇକ୍ ଆମ୍ବୁଲାନ୍ସ ଗରୁଡ, ଭ୍ରାମ୍ୟମାଣ ପ୍ରସବ ଯାନ ( ଡେଲିଭରି ଭ୍ୟାନ୍ ) ଓ ଗ୍ରାମ୍ୟ ସଂପର୍କ ଅଭିଯାନ କାର୍ଯ୍ୟକ୍ରମ ଆଦି ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି ।





# କିଶୋର ଓ ଶିଶୁସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ - ପି.ଆର୍.ଏ.ସି.ଡି.ଆଇ.ପି

## କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ

ଫିରିଙ୍ଗିଆ ବ୍ଲକ୍‌ର ଦୁର୍ଗମ ଅଂଚଳର ଗାଁ ଗୁଡିକରେ ମାତୃ ଓ ଶିଶୁ ମୃତ୍ୟୁହାର କମାଇବା, ମାତୃ ଓ ଶିଶୁଙ୍କ ରକ୍ତହୀନତା ଦୂରକରିବା, ନିରାପଦ ମାତୃତ୍ୱ ଓ ଡାକ୍ତରୀ ପ୍ରସବ ଯୋଗାଇ ଦେବା, ଗୋଷ୍ଠୀକୁ ସଂଗଠିତ କରିବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂପର୍କରେ ଗୋଷ୍ଠୀକୁ ସଚେତନ କରିବା, ସ୍ଥାନୀୟ ପଂଚାୟତ ଓ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ କ୍ରିୟାଶୀଳ କରିବା ଏବଂ ଗ୍ରାମବାସୀ ମାନେ କିପରି ଉତମ ସ୍ୱାସ୍ଥ୍ୟସେବା ପାଇପାରିବେ ତାହାର ବ୍ୟବସ୍ଥା କରିବା ଏହି କାର୍ଯ୍ୟକ୍ରମର ମୂଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଂପୃକ୍ତ ଅଂଚଳରେ ରହିଥିବା ସମନ୍ୱିତ ଶିଶୁ ବିକାଶ ସେବା ଓ ଅଙ୍ଗନବାଡି ବ୍ୟବସ୍ଥାକୁ ଦୃଢ କରିବା, ଗୋଷ୍ଠୀକୁ ଅଙ୍ଗନବାଡି ପରିଚାଳନାରେ ସକ୍ରିୟ ଭାଗିଦାର କରିବା, ଖାଦ୍ୟ ଓ ପୁଷ୍ଟି ସଂପର୍କରେ ସଚେତନ କରିବା, କିଶୋର କିଶୋରୀ ମାନଙ୍କୁ ସ୍ୱାସ୍ଥ୍ୟ ଓ ଜୀବନ କୌଶଳ ସଂପର୍କରେ ସଚେତନ କରିବା, ଶିଶୁ ମାନଙ୍କ ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ଗୁଣାତ୍ମକ ନିମନ୍ତେ ଚାଇଲ୍‌ଡ ରାଇଟ୍ ଆଣ୍ଡ ୟୁ (କ୍ରାଏ) ସହାୟତାରେ ସ୍ୱାତୀ ଏହି କାର୍ଯ୍ୟକ୍ରମ କନ୍ଧମାଳ ଜିଲ୍ଲାର ଚ ବ୍ଲକ୍‌ରେ କାର୍ଯ୍ୟକାରୀ କରୁଛି । ଏଥିସହ ଭୂବନେଶ୍ୱର ମହାନଗର ନିଗମର ୪ଟି ୱାର୍ଡରେ କିଶୋରୀ ସ୍ୱାସ୍ଥ୍ୟ ବିକାଶ କାର୍ଯ୍ୟକ୍ରମ ମଧ କରୁଛି । ଫିରିଙ୍ଗିଆ ବ୍ଲକ୍‌ର ୪ଟି ଗ୍ରାମପଂଚାୟତ ଲୁଇସିଙ୍ଗି, ବାଲନ୍ଦାପଡା, ପାହିରାଜୁ ଓ କୁଏରମାଣ୍ଡୁର ୭୫ଟି ଗାଁର ୩୨୭୪ ପରିବାର ସହ ଏହି କାର୍ଯ୍ୟକ୍ରମ କରାଯାଉଛି । ୩୪ଟି ଅଙ୍ଗନବାଡି ଓ ୨୩ ଜଣ ଆଶାକର୍ମୀଙ୍କୁ ଏହି କାର୍ଯ୍ୟକ୍ରମ ସହ ସାମିଲ କରାଯାଇଛି । ସେହିପରି ଭୂବନେଶ୍ୱରର ୪ଟି ୱାର୍ଡର ୫୭୧୭ ପରିବାରଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି ।

## ୨୦୨୧-୨୨ ରେ କରାଯାଇଥିବା କାର୍ଯ୍ୟକ୍ରମ

କାର୍ଯ୍ୟକ୍ରମ ମାଧ୍ୟମରେ ସଂପୃକ୍ତ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଗୋଷ୍ଠୀ ସଂଚାଳନ ଦିଗରେ ଦକ୍ଷ କରିବା, କାର୍ଯ୍ୟଭୁକ୍ତ ଅଂଚଳର ସମସ୍ତ ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିବା, ଗ୍ରାମ ସ୍ତରୀୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିବିର ଗୁଡିକୁ ନିୟମିତ କରିବା, ପୁଷ୍ଟିର ସୁରକ୍ଷା ପାଇଁ ବାଡି ବଗିଚା କରିବା, ସ୍ୱାସ୍ଥ୍ୟ ଓ ପୁଷ୍ଟି ସଂପର୍କରେ ଅଙ୍ଗନବାଡି ଓ ଆଶା କର୍ମୀମାନଙ୍କର ସାମର୍ଥ୍ୟ ବିକାଶ କରିବା, ପଂଚାୟତ ସ୍ତରରେ ଲୋକ ପ୍ରତିନିଧି ଏବଂ ମହିଳାଦଳ ଗୁଡିକୁ ନେଇ ସଚେତନତା କାର୍ଯ୍ୟକ୍ରମମାନ କରିବା, ବିଦ୍ୟାଳୟ ସଚେତନତା କାର୍ଯ୍ୟକ୍ରମ କରିବା, ଅଧାରୁ ପାଠ ଛାଡିଥିବା ଶିଶୁ ଓ କିଶୋର/କିଶୋରୀ ମାନଙ୍କୁ ପୁଣି ବିଦ୍ୟାଳୟ ପ୍ରବେଶର ବ୍ୟବସ୍ଥା କରିବା, ଆଦି କାର୍ଯ୍ୟକ୍ରମ ଗୁଡିକ ଗ୍ରହଣ କରାଯାଇଛି ।

ଗାଁ ଗୁଡିକରେ କରୋନା ସଚେତନତା ସୃଷ୍ଟି କରାଯିବା ସହ କରୋନା ପ୍ରତିଷେଧ ବ୍ୟବସ୍ଥା ଗୁଡିକ ସଂପର୍କରେ ଆଲୋଚନା କରାଯାଇଛି । ବିଶେଷକରି ଗର୍ଭବତୀ ଓ ପ୍ରସୂତୀ ମାନେ କିପରି ଏଥିପ୍ରତି ଅଧିକ ସଚେତନ ରହିବେ ତାହାର ବ୍ୟବସ୍ଥା କରାଯାଇଛି । ଗର୍ଭବତୀ ଓ ପ୍ରସୂତୀ ମାନଙ୍କର ଖାଦ୍ୟ ଓ ପୁଷ୍ଟିର ସୁରକ୍ଷା ପାଇଁ ପୁଷ୍ଟି ବଗିଚା କରିବା ଏବଂ ଘରୋଇ ପରିବା ଉତ୍ପାଦନ ବଢାଇବା ନିମନ୍ତେ ପଦକ୍ଷେପ ନିଆଯାଇଛି ।








ଗାଁ ଗୁଡିକରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଅଭିଯାନ ( ଭି.ଏଚ୍.ଏନ୍.ଡି) ଏବଂ ଟୀକାକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ ଭାବେ କରାଯାଇଛି । ରାଷ୍ଟ୍ରୀୟ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧମରେ ପ୍ରତି ଘରକୁ ଯାଇ ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ତଦାରଖ ଏବଂ ଟୀକାକରଣ କାର୍ଯ୍ୟକ୍ରମ କରାଯାଇଛି । ଶିଶୁ ମାନଙ୍କୁ ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିବିର ସହ ସଂପୃକ୍ତ କରି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଭିଟାମିନ ଓ କୃମିନାଶକ ଆଦି ଔଷଧ ଦିଆଯାଇଛି । ସ୍ତନ୍ୟପାନ କରୁଥିବା ଶିଶୁଙ୍କ ଯତ୍ନ ସଂପର୍କରେ ମା ଓ ପରିବାରବର୍ଗଙ୍କୁ ସଚେତନ କରାଯାଇଛି । ଦୁର୍ବଳ ସ୍ୱାସ୍ଥ୍ୟ ଶିଶୁଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ଉନ୍ନତୀ ପାଇଁ ପରାମର୍ଶ ଦିଆଯାଇଛି ।

୭୯ଟି କର୍ମଶାଳା ଆୟୋଜନ କରାଯାଇ ୭୦୦ କିଶୋରୀ ବାଳିକାଙ୍କୁ ସ୍ୱାସ୍ଥ୍ୟ ଶିକ୍ଷା ଦିଆଯିବା ସହ ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ଏଚ୍. ଆଇ.ଭି ଏଡ୍‌ସ, ଆଦି ସଂପର୍କରେ ସଚେତନ କରାଯାଇଛି । ସେମାନଙ୍କୁ ଲୌ=ହ ଓ ଫୋଲିକ୍ ଏସିଡ୍ ବଟିକା, ସାନିଟାରୀ ପ୍ୟାଡ୍, ସାବୁନ ଓ ମାସ୍କ ଆଦି ଦିଆଯାଇଛି ।

କିଶୋର ଓ କିଶୋରୀ ମାନଙ୍କ କର୍ମଶାଳା କରାଯାଇ ସେମାନଙ୍କୁ କିଶୋର ବୟସର ବିଭିନ୍ନ ସମସ୍ୟା, ଶିକ୍ଷା ଓ ଭବିଷ୍ୟତ ଆଦି ସମ୍ପର୍କରେ ଜୀବନ କୌଶଳ ତାଲିମ୍ ଦିଆଯାଇଛି । ଗୋଷ୍ଠୀ ସ୍ତରରେ ବାଲ୍ୟ ବିବାହ ରୋକିବା ଏବଂ ବାଳିକା ଚାଲାଣ ରୋକିବା ପାଇଁ ପଦକ୍ଷେପ ନେବା ଓ ସଚେତନ କରିବାକୁ କିଶୋର କିଶୋରୀ ଦଳ ଗୁଡିକୁ ସଂଗଠିତ କରାଯାଇଛି ।







ପ୍ରସୂତୀ ଓ ଗର୍ଭବତୀ ମହିଳା ମାନଙ୍କୁ ସରକାରୀ ଶିଶୁ ବିକାଶ ଯୋଜନା ସଂପର୍କରେ ପ୍ରଶିକ୍ଷିତ କରାଯିବା ସହ ୪୮ ଜଣ ମହିଳାଙ୍କୁ ମମତା ଯୋଜନା ଓ ୧୨୮ ଜଣଙ୍କୁ ଜନନୀ କଲ୍ୟାଣ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି ।

ଅପପୁଷ୍ଟି ବାଧିତ ଶିଶୁ ମାନଙ୍କୁ ଫୁଲବାଣୀ ସ୍ଥିତ ପୁଷ୍ଟି ସାଧନ କେନ୍ଦ୍ରକୁ ପଠାଯାଇଛି । ପିଲା ମାନଙ୍କ ଅପପୁଷ୍ଟି ରୋକିବା ପାଇଁ ବାପମା ମାନଙ୍କୁ ନେଇ ଶିଶୁ ଖାଦ୍ୟ ଓ ପୁଷ୍ଟି ସଂପର୍କରେ ତାଲିମ ପ୍ରଦାନ କରାଯାଇଛି ।

ସମସ୍ତ ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ମାନଙ୍କୁ କେନ୍ଦ୍ର ସୁପରିଚାଳନା, ଶିଶୁ ଶିକ୍ଷା, ଶିଶୁ ଖାଦ୍ୟ ଓ ପୁଷ୍ଟି ଆଦି ସଂପର୍କରେ ତାଲିମ ଦିଆଯାଇଛି ।

ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରର ଅସୁବିଧା ଅନୁଧାନ କରାଯାଇ ପଂଚାୟତ ସ୍ତରୀୟ ବୈଠକରେ ସେସବୁର ସମାଧାନ ପାଇଁ ଯୋଜନା କରାଯାଇଛି । ବ୍ଲକ୍ ସ୍ତରରେ ଏକ ପୁଷ୍ଟିସାଧନ କେନ୍ଦ୍ର ଖୋଲିବା ପାଇଁ ପଂଚାୟତ ସମିତି ସ୍ତରୀୟ ବୈଠକରେ ଆଲୋଚନା କରାଯାଇଛି ।

ଶିଶୁ ବିକାଶ ପ୍ରକଳ୍ପ ନିର୍ଦ୍ଦେଶିକାଙ୍କୁ ମିଶି ଦୂର ସ୍ଥାନରେ ରହୁଥିବା ପଡା ଗାଁ ଗୁଡିକ ପାଇଁ ମିନି ଅଙ୍ଗନବାଡି ସବୁ ଖୋଲିବା ପାଇଁ ଦାବୀ ଉପସ୍ଥାପନ କରାଯାଇଛି । ଗାଁ ଲୋକମାନେ ୧୭ଟି ମିନି ଅଙ୍ଗନବାଡି ଖୋଲିବା ଏବଂ କେନ୍ଦ୍ର ଗୁଡିକରେ ଅଲଗା ରୋଷଘର, ଶୌଚାଳୟ, ପାନୀୟ ଜଳର ସୁବିଧା ପାଇଁ ପଂଚାୟତ ସ୍ତରରେ ଦାବୀ ଜଣାଇଛନ୍ତି ।

ଅଙ୍ଗନବାଡି କେନ୍ଦ୍ର ଗୁଡିକ ତରଫରୁ ଶିଶୁ କନ୍ୟା ଦିବସ, ବିଶ୍ୱ ଏଡ୍‌ସ ଦିବସ, ଜାତୀୟ ନିରାପଦ ମାତୃତ୍ୱ ଦିବସ, ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ ଏବଂ ମ୍ୟାଲେରିଆ ଦିବସ ଆଦି ପାଳନ କରଯାଇଛି ।



## ଫଳାଫଳ ଓ ପ୍ରଭାବ

ଏହିସବୁ ଦୁର୍ଗମ ଗାଁ ଗୁଡିକରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବୃଦ୍ଧି ପାଇଛି । ଅଙ୍ଗନବାଡି କେନ୍ଦ୍ର ଗୁଡିକ ନିୟମିତ ହେବା ସହ ଶିଶୁ ଉପସ୍ଥାନ ବୃଦ୍ଧି ପାଇଛି । ପ୍ରସୂତିମାନଙ୍କ ମଧ୍ୟରେ ଡାକ୍ତରଖାନା ପ୍ରସବ ଏବଂ ଟୀକାକରଣ ପ୍ରତି ଆଗ୍ରହ ବଢ଼ିଛି । ଗୋଷ୍ଠୀ ଓ ପରିବାର ସ୍ତରରେ ଗର୍ଭବତୀ ଓ ପ୍ରସୂତୀ ମାନଙ୍କର ଯତ୍ନ, ସୁଷମ ଖାଦ୍ୟ ଓ ପୁଷ୍ଟି ଏବଂ ନିୟମିତ ଡାକ୍ତରୀ ପରାମର୍ଶ ସଂପର୍କରେ ସଚେତନତା ବଢ଼ିଛି ।



ଶିଶୁ ମାନଙ୍କ ମଧ୍ୟରେ ପୁଷ୍ଟିହୀନତା ଓ ଅପପୁଷ୍ଟି ହ୍ରାସ ପାଇଛି, ସ୍ୱାସ୍ଥ୍ୟ ଓ ଓଜନ ଆଦିରେ ବୃଦ୍ଧି ଘଟିଛି, ବିଭିନ୍ନ ଶିଶୁ ରୋଗ ଆକ୍ରାନ୍ତଙ୍କ ସଂଖ୍ୟା କମିଛି । ଶିଶୁ ଟୀକାକରଣ ଶତ ପ୍ରତିଶତ ହୋଇ ପାରିଛି । ପରିବାର ଓ ଗୋଷ୍ଠୀରେ ଶିଶୁ ନିର୍ଯ୍ୟାତନା ହ୍ରାସ ପାଇଛି । ଶିଶୁ ମାନଙ୍କୁ ପୁଅଝିଅ ପ୍ରଭେଦରେ ଦେଖିବା ମନୋଭାବ ପରିବର୍ତ୍ତନ ଆସିଛି ।

ପରିବାର ଗୁଡିକରେ ମାତ- ଓ ଶିଶୁ ସ୍ୱାସ୍ଥ୍ୟ ସଚେତନତା ବଢ଼ିବା ସହ ପାରମ୍ପରିକ ଅନ୍ଧବିଶ୍ୱାସ ଗୁଡିକ ଦୂର ହୋଇଛି । ସ୍ଥାନୀୟ ଅଙ୍ଗନବାଡି ସହ ସେମାନଙ୍କ ସଂପର୍କ ବଢ଼ିଛି । ପରିବାର ପୁଷ୍ଟିକର ଖାଦ୍ୟ ପାଇଁ ନିଜ ନିଜର ପୁଷ୍ଟି ବଗିଚା କରିଛନ୍ତି । ସେମାନଙ୍କର ଅଭ୍ୟାସଗତ ପରିବର୍ତ୍ତନ ହୋଇଛି ଏବଂ ମଶାରୀ ବ୍ୟବହାର, ପାଇଖାନା ବ୍ୟବହାର, ସ୍ୱଚ୍ଛ ପାନୀୟ ଜଳ ବ୍ୟବହାର, ନୀୟମିତ ହାତ ଧୋଇବା, ସାନିଟାରୀ ନାପ୍‌କିନ୍ ବ୍ୟବହାର ଆଦି ଅଭ୍ୟାସ ବଢ଼ିଛି ।

କିଶୋରୀ ମାନେ ସ୍ୱାସ୍ଥ୍ୟ ସଚେତନ ହୋଇ ପାରିଛନ୍ତି । ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ, ଋତୁସ୍ରାବ ସମୟର ପରିଚ୍ଛନ୍ନତା, ଖାଦ୍ୟ ଓ ପୁଷ୍ଟି ସଂପର୍କରେ ସେମାନଙ୍କ ଜ୍ଞାନ ବଢ଼ିଛି । ବାଲ୍ୟ ବିବାହର କୁପରିଣାମ ବିଷୟରେ ଅବଗତ ହେବାସହ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ଏହାକୁ ବିରୋଧ କରୁଛନ୍ତି । ଜୀବନ କୌଶଳ ତାଲିମ ସେମାନଙ୍କୁ ନିଜର ଭବିଷ୍ୟତ ବିଷୟରେ ପ୍ରେରଣା ଦେଉଛି ।

ପଂଚାୟତିରାଜ ଅନୁଷ୍ଠାନ ଓ ପ୍ରତିନିଧିମାନଙ୍କର ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟକ୍ରମରେ ସଂପୃକ୍ତି ବଢ଼ିଛି ଏବଂ କେନ୍ଦ୍ର ସମସ୍ୟା ସମାଧାନ ଦିଗରେ ସେମାନେ ଉଦ୍ୟମ କରୁଛନ୍ତି ।

ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ମାନେ ତାଲିମ୍ ଓ ସହାୟତା ପାଇ ଦକ୍ଷ ହୋଇ ପାରିଛନ୍ତି । କେନ୍ଦ୍ର ଗୁଡିକ ନୀୟମିତ ହେବା ସହ ଖାଦ୍ୟ ଓ ଶିକ୍ଷାଦାନରେ ଗୁଣାତ୍ମକ ଅଭିବୃଦ୍ଧି ଘଟିଛି ।





# ମା ଗୃହ

### କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ

ଦୁର୍ଗମ ଓ ଆଭ୍ୟନ୍ତରୀଣ ଅଂଚଳ ଗୁଡିକରେ ନିରାପଦ ମାତୃତ୍ୱ ସହ ଡାକ୍ତରୀ ପ୍ରସବ ସୁବିଧା ଯୋଗାଇ ଦେବା, ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା, ଆନୁଷ୍ଠାନିକ ପ୍ରସବ ସେବା ପ୍ରତି ଗୋଷ୍ଠୀକୁ ସଚେତନ କରାଇବା ଏବଂ ଆକୃଷ୍ଟ କରାଇବା ଏବଂ ସବୁ ଅଂଚଳର ସମସ୍ତ ଗର୍ଭବତୀ ମହିଳା ଯେପରି ସରକାରୀ ପ୍ରଦତ୍ତ ପ୍ରସବ ସେବା ସୁବିଧା ହାସଲ କରିପାରିବେ ସେଥିପାଇଁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ସହାୟତାରେ ଦୁର୍ଗମ ଅଂଚଳ ଗୁଡିକରେ ଏହି ପ୍ରସବକାଳୀନ ଆବାସିକ ଗୃହ ବା ମାତୃ ଗୃହ ମାନ ସ୍ଥାପନ କରାଯାଇଛି । ଅଗମ୍ୟ ଗାଁ ଗୁଡିକରେ ଗର୍ଭବତୀ ମହିଳା ମାନଙ୍କୁ ପଞ୍ଜିକୃତ କରି ସେମାନଙ୍କ ପ୍ରସବ ପୂର୍ବ ସ୍ୱାସ୍ଥ୍ୟସେବା ତଦାରଖ କରିବା ସହ ପ୍ରସବ ସମୟ ପୂର୍ବରୁ ମା ଗୃହକୁ ଆଣି ସେଠାରେ ସୁରକ୍ଷିତ ପ୍ରସବ ସେବା ବାଲନ୍ଦାପଡା, କ.ନୂଆଗାଁ ଅନ୍ତର୍ଗତ କାଟ୍ରିଙ୍ଗିଆ ଏବଂ ଟିକାବାଲି ବ୍ଲକ୍‌ର ଟିକାବାଲି ଠାରେ ତିନିଟି ମା ଗୃହ ପରିଚାଳନା କରାଯାଉଛି ।

ଏହାକୁ ଏକ ପ୍ରସବ କାଳୀନ ଆବାସିକ କେନ୍ଦ୍ର ହିସାବରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ସହ ସମନ୍ୱୟ ରକ୍ଷା କରି ପରିଚାଳନା କରାଯାଉଛି । ଗାଁଗୁଡିକୁ ଯାଇ ଗୋଷ୍ଠୀ ସଦସ୍ୟ, ପରିବାର ଓ ଗର୍ଭବତୀ ମାନଙ୍କୁ ଡାକ୍ତରୀ ପ୍ରସବ ପାଇଁ ସଚେତନ କରିବା, ପ୍ରସବ ସମୟ ପୂର୍ବରୁ ଗର୍ଭବତୀମାନଙ୍କୁ ମା ଗୃହକୁ ଆଣିବା, ମା ଗୃହରେ ଗର୍ଭବତୀମାନଙ୍କୁ ଡାକ୍ତରୀ ପରାମର୍ଶ ସହ ସମସ୍ତ ପ୍ରସବକାଳୀନ ସୁବିଧା ସୁଯୋଗ ଦେବା, ଅଭିଜ୍ଞ ଡାକ୍ତର ଓ ଧାଇମାନଙ୍କ ଦ୍ୱାରା ପ୍ରସବ କରାଇବା, ଶିଶୁର ଯତ୍ନ ସଂପର୍କରେ ମାଆମାନଙ୍କୁ ଶିକ୍ଷା ଦେବା ଏବଂ ମାଆ ଓ ଶିଶୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ଆଦି କାର୍ଯ୍ୟ କରାଯାଉଛି ।

| ମା ଗୃହର ସ୍ଥାନ | ବ୍ଲକ୍‌ର ନାମ | ସ୍ଥାପନ ବର୍ଷ | ପଂଚାୟତ ସଂଖ୍ୟା | ଗ୍ରାମ ସଂଖ୍ୟା |
|---|---|---|---|---|
| **ବାଲନ୍ଦାପଡା** | ଫିରିଙ୍ଗିଆ | ୨୦୧୩ | ୬ | ୧୪୩ |
| **କାଟ୍ରିଙ୍ଗିଆ** | କ.ନୂଆଗାଁ | ୨୦୨୦ | ୭ | ୧୩୪ |
| **ଟିକାବାଲି** | ଟିକାବାଲି | ୨୦୨୦ | ୧୧ | ୧୨୩ |

### ୨୦୨୧-୨୨ ବର୍ଷରେ ହୋଇଥିବା କାର୍ଯ୍ୟ

ଚଳିତ ବର୍ଷ ବାଲନ୍ଦାପଡା ସ୍ଥିତ ମାତୃଗୃହରେ ୪୧୬ ଜଣ ଗର୍ଭବତୀ ମହିଳା ପଞ୍ଜିକୃତ ହୋଇଥିବାବେଳେ ୩୬୯ ଜଣ ମାଗଣ ପରିବହନ ସୁବିଧା ପାଇଥିଲେ । ସେହିପରି ଟିକାବାଲିରେ ୩୮୨ ଜଣ ଗର୍ଭବତୀ ମହିଳା ପଞ୍ଜିକୃତ ହୋଇଥିଲେ ଏବଂ ୩୨୬ ଜଣ ମାଗଣ ପରିବହନ ସୁବିଧା ଏବଂ କାଟ୍ରିଙ୍ଗିଆରେ ୩୫୩ ଜଣ ପଞ୍ଜିକୃତ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୩୧୯ ଜଣ ମାଗଣ ପରିବହନ ସୁବିଧା ପାଇଛନ୍ତି ।






ବାଲନ୍ଦାପଡାରେ ୪୧୬ ଜଣଙ୍କ ମଧ୍ୟରୁ ୩୪୯ ଜଣ, ଟିକାବାଲିରେ ୩୮୨ ଜଣଙ୍କ ମଧ୍ୟରୁ ୩୭୭ ଜଣ ଏବଂ କାଟ୍ରିଙ୍ଗିଆରେ ୩୫୩ ଜଣଙ୍କ ମଧ୍ୟରୁ ୩୩୬ ଜଣ ଡାକ୍ତରଖାନାରେ ପ୍ରସବ ସୁବିଧା ପାଇଛନ୍ତି ।

ବାଲନ୍ଦାପଡା ମା ଗୃହରେ ୪୧୬ ଜଣଙ୍କ ମଧ୍ୟରୁ ୩୨୩ ଜଣ ୫ ଦିନ, ୪୪ ଜଣ ୫ରୁ ୧୦ ଦିନ ଏବଂ ୪୯ ଜଣ ୧୦ରୁ ୧୫ ଦିନ ମା ଗୃହରେ ରହଣି ସୁବିଧା ପାଇଛନ୍ତି । ସେହିପରି ଟିକାବାଲି ମା ଗୃହରେ ୩୮୨ ଜଣଙ୍କ ମଧ୍ୟରୁ ୨୪୬ ଜଣ ୫ ଦିନ, ୬୩ ଜଣ ୫ରୁ ୧୦ ଦିନ ଏବଂ ୭୩ ଜଣ ୧୦ରୁ ୧୫ ଦିନ ମା ଗୃହରେ ରହଣି ସୁବିଧା ପାଇଛନ୍ତି ।

କାଟ୍ରିଙ୍ଗିଆ ମା ଗୃହରେ ୩୫୩ ଜଣଙ୍କ ମଧ୍ୟରୁ ୨୪୬ ଜଣ ୫ ଦିନ, ୫୮ ଜଣ ୫ରୁ ୧୦ ଦିନ ଏବଂ ୪୯ ଜଣ ୧୦ରୁ ୧୫ ଦିନ ମା ଗୃହରେ ରହଣି ସୁବିଧା ପାଇଛନ୍ତି । ସାମୁଦାୟିକ ଭାବେ ୭୧ ପ୍ରତିଶତ ୫ ଦିନ, ୧୪ ପ୍ରତିଶତ ୧୦ ଦିନ ଏବଂ ୧୫ ପ୍ରତିଶତ ୧୫ ଦିନ ମା ଗୃହ ଗୁଡିକରେ ରହିଛନ୍ତି ।

ଗର୍ଭବତୀ ଓ ପ୍ରସୂତି ମହିଳା ପରିବାର ଗୁଡିକୁ କରୋନା ପ୍ରତିଷେଧ ସଂପର୍କିତ ସଚେତନା କରାଯାଇଛି । ମା ଗୃହରେ କରୋନା ନୀୟମ ସବୁକୁ ପାଳନ କରାଯିବା ସହ ଆସୁଥିବା ପ୍ରସୂତି ଓ ସେମାନଙ୍କ ପରିବାର ବର୍ଗଙ୍କୁ ଏ ସଂପର୍କରେ ସଚେତନ କରାଯାଇଛି ।

ମା ଗୃହ ତରଫରୁ ଗାଁ ଗୁଡିକରେ ଅଙ୍ଗନବାଡି ଓ ଆଶା କର୍ମୀ ମାନଙ୍କ ସହାୟତାରେ ମାତୃ ସମ୍ମିଳନୀ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂପର୍କିତ ଆଲୋଚନା ଏବଂ ପ୍ରସୁତି ଓ ଗର୍ଭବତୀମାନଙ୍କ ପୁଷ୍ଟିର ସୁରକ୍ଷା ସଂପର୍କୀତ ଆଲୋଚନା ଶିବିର ମାନ କରାଯାଇଛି ।

ମା ଗୃହ କର୍ମୀମାନେ ଗ୍ରାମ ଗୁଡିକୁ ଯାଇ ନବଜାତ ଶିଶୁ ଓ ମା ମାନଙ୍କ ସ୍ୱାସ୍ଥ୍ୟବସ୍ଥା ତଦାରଖ କରିବା ସହ ପରିବାର ସଦସ୍ୟଙ୍କୁ ସେମାନଙ୍କ ଖାଦ୍ୟ ଓ ଯତ୍ନ ସଂପର୍କରେ ପରାମର୍ଶ ଦେଇଛନ୍ତି ।

ଗାଁ ଗୁଡିକୁ ଯାଇ କରୋନାକୁ ଭୟ ନକରି ମା ଗୃହକୁ ପ୍ରସବ ପାଇଁ ଆସିବାକୁ ସଚେତନ କରାଯାଇଛି । କଟକଣା ଯୋଗୁଁ ଯାନବାହନ ଅସୁବିଧା ଥିବାରୁ ମାତୃଗୃହ ଜରିଆରେ ଗର୍ଭବତୀ ମାନଙ୍କୁ ଆଣିବାକୁ ବ୍ୟବସ୍ଥା କରାଯାଇଛି ।

ଗାଁ ଗୁଡିକରେ ମହିଳାମାନଙ୍କ ପୁଷ୍ଟିର ସୁରକ୍ଷା ପାଇଁ ଘରବାଡିରେ ସବୁଜ ପରିବା ବଗିଚା ପାଇଁ ଗ୍ରାମବାସୀ ମାନଙ୍କୁ ଉତ୍ସାହିତ କରାଯାଇଛି । ଗର୍ଭବତୀ ଓ ପ୍ରସୁତି ମହିଳା ପରିବାର ଗୁଡିକ ନିଜର ପୁଷ୍ଟି ବଗିଚା କରିବା ପାଇଁ ସହାୟତା ଦିଆଯାଇଛି । ବାଲନ୍ଦାପଡା ଅଂଚଳରେ ୮୩ଟି ପରିବାର ଏମ୍.ଜି.ଏନ୍.ଆର୍.ଇ.ଜି.ଏ ମାଧ୍ୟମରେ ପୁଷ୍ଟି ବଗିଚା କରିଛନ୍ତି ।

ମା ଗୃହ ଗୁଡିକରେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ଦିବସ ଯଥା - ଆନ୍ତର୍ଜାତୀୟ ମହିଳା ଦିବସ, ବିଶ୍ୱ ଏଡ୍‌ସ ଦିବସ, ବିଶ୍ୱ ମାତୃ ଦିବସ, ଯୋଗ ଦିବସ, ସ୍ୱାଧିନତା ଦିବସ ଓ ସାଧାରଣତନ୍ତ୍ର ଦିବସ ଆଦି ପାଳନ କରା ଯାଇଛି ।

ଫୁଲବାଣୀର ମାନ୍ୟବର ବିଧାୟକ ବାଲନ୍ଦାପଡା ମା ଗୃହ ସାଧାରଣତନ୍ତ୍ର ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅନ୍ୟ ମା ଗୃହ ଉତ୍ସବ ଗୁଡିକରେ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପଦାଧିକାରୀ ମାନେ ଯୋଗ ଦେଇଥିଲେ ।






## ପ୍ରଭାବ ଓ ସଫଳତା –

ଚଳିତ ବର୍ଷ କରୋନା ସଂକ୍ରମଣ ଭୟ ଏବଂ ଚିକିତ୍ସାକେନ୍ଦ୍ର ଗୁଡିକରେ ଡାକ୍ତରୀ ସେବା ସମସ୍ୟା ସହ କରୋନା ପରୀକ୍ଷା ଆଦିର ଭୟ ଯୋଗୁଁ ଅନେକ ଗର୍ଭବତୀ ମହିଳା ପ୍ରସବ ପାଇଁ ଚିକିତ୍ସାକେନ୍ଦ୍ରକୁ ଯିବାକୁ ଇଛା କରିନଥିବାବେଳେ ମା ଗୃହ ଗୁଡିକ କିନ୍ତୁ ଏଦିଗରେ ଅଧିକ ସୁରକ୍ଷିତ ବିବେଚିତ ହୋଇଥିଲା । ଗର୍ଭବତୀ ମାନେ ଏଠାରେ କରୋନା ନୀୟମ ପରିସରରେ ସମସ୍ତ ସୁବିଧା ହାସଲ କରିଥିଲେ ।

କରୋନା କଟକଣା ଯୋଗୁଁ ଯାନବାହନ ନଚାଲିବା ଏବଂ ଆମ୍ବୁଲାନ୍ସ ଉପଲବ୍ଧ ନହେବା ଆଦି ସମସ୍ୟା ଯୋଗୁଁ ଗର୍ଭବତୀ ମହିଳା ମାନେ ଚିକିତ୍ସାକେନ୍ଦ୍ର ଗୁଡିକରେ ପହଂଚିବାରେ ବହୁ ସମସ୍ୟାରେ ସମ୍ମୁଖୀନ ହୋଇଥିବାବେଳେ ମା ଗୃହରେ ପହଂଚିବାକୁ ଗର୍ଭବତୀ ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାରୁ ସେମାନେ ଏଠାକୁ ଆସିବାରେ ଆଗ୍ରହୀ ହେଲେ ।

କେନ୍ଦ୍ର ଗୁଡିକ ଦ୍ୱାରା କେନ୍ଦ୍ରରେ ଓ କେନ୍ଦ୍ର ସଂଲଗ୍ନ ଗାଁ ଗୁଡିକରେ କରୋନା ସଚେତନତା ସହ ମାସ୍କ ଓ ସାନିଟାଇଜର ଆଦି ଯୋଗାଇ ଦିଆଯିବା ଯୋଗୁଁ ସେମାନେ ଉପକୃତ ହୋଇପାରିଛନ୍ତି । କରୋନା ଜନିତ ରୋଜଗାରହୀନତା ସମୟରେ ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ପାଇଁ ପୁଷ୍ଟି ବଗିଚା ମାନ ଗର୍ଭବତୀ ଓ ପ୍ରସୂତୀ ମାନଙ୍କୁ ସହାୟତା ଦେଇଛି ।

ଏହି ମା ଗୃହ ପ୍ରତିଷ୍ଠା ପରଠାରୁ ଅଂଚଳର ଗାଁଗୁଡିକରେ ପ୍ରସବ ଜନିତ ଶିଶୁ ଓ ମାତୃ ମୃତ୍ୟୁହାର ବିଶେଷଭାବେ ହ୍ରାସ ପାଇଛି । ଆଭ୍ୟନ୍ତରୀଣ ଗାଁ ଗୁଡିକରେ ପ୍ରସବ ସଂପର୍କିତ ଅନ୍ଧବିଶ୍ୱାସ ଦୂର ହେବା ସହ ଡାକ୍ତରୀ ପ୍ରସବ ପ୍ରତି ଲୋକମାନଙ୍କର ଆଗ୍ରହ ବଢିଛି । ମାତୃ ଓ ଶିଶୁ ମୃତ୍ୟୁହାର ୯୦ ପ୍ରତିଶତ ହ୍ରାସ ପାଉଥିବାବେଳେ ଡାକ୍ତରୀ ପ୍ରସବ ହାର ୯୨ ପ୍ରତିଶତକୁ ବୃଦ୍ଧି ପାଇଛି ।

ଗାଁ ଗୁଡିକରେ ପିଲା ଜନ୍ମକୁ ନେଇ ଆଗରୁ ଥିବା ଅନ୍ଧବିଶ୍ୱାସ ଓ ଭୟ ଦୂର ହୋଇଛି । ଉପଯୁକ୍ତ ପରାମର୍ଶ ଓ ସହାୟତା ପ୍ରଦାନ ଯୋଗୁଁ ଗର୍ଭବତୀ ଓ ସେମାନଙ୍କ ପରିବାର କେନ୍ଦ୍ରକୁ ଆସିବା ପାଇଁ ବିଶେଷ ଆଗ୍ରହ ଦେଖାଉଛନ୍ତି । କେନ୍ଦ୍ରରେ ମିଳୁଥିବା ସୁବିଧା ସୁଯୋଗ ସେମାନଙ୍କୁ ଆସିବା ପାଇଁ ବିଶେଷ ଉତ୍ସାହିତ କରୁଛି । କେନ୍ଦ୍ର ଦ୍ୱାରା ପ୍ରସବକାଳୀନ ସହାୟତା ମହିଳା ମାନଙ୍କ ପ୍ରସବ ଜନିତ ଆଶଙ୍କାକୁ ଦୂର କରିପାରିଛି । ଶିଶୁ ପାଳନ ଓ ଯତ୍ନ ସଂପର୍କରେ ମହିଳା ମାନେ ମଧ୍ୟ ସଚେତନ ହୋଇ ପାରିଛନ୍ତି ।








# ଏଚ୍.ଆ.ଭି ଓ ଏଡ୍‌ସ ନିରାକରଣ (ଟାର୍ଗେଟେଡ୍ ଇଣ୍ଟର୍‌ଭେନ୍‌ସନ୍)

## କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ

ଏଚ୍.ଆଇ.ଭି ଓ ଏଡ୍‌ସ ସଂପର୍କିତ ସଚେତନତା ସୃଷ୍ଟି, ଏହାର ସଂକ୍ରମଣକୁ ରୋକିବା ଏବଂ ସଂକ୍ରମିତ ମାନଙ୍କୁ ଏକ ସୁସ୍ଥ ସାମାଜିକ ଜୀବନ ବଂଚିବା ଦିଗରେ ଆବଶ୍ୟକୀୟ ସହାୟତା ଯୋଗାଇଦେବାକୁ ଓଡିଶା ଷ୍ଟେଟ୍ ଏଡ୍‌ସ ସେଲ୍ ସହାୟତାରେ ୨୦୧୦ ମସିହାରୁ ସ୍ୱାତୀ କନ୍ଧମାଳ ଜିଲ୍ଲାରେ ଏଚ୍.ଆଇ.ଭି ଓ ଏଡ୍‌ସ ନିରାକରଣ ନିମନ୍ତେ କାର୍ଯ୍ୟ କରିଆସୁଛି । ଜିଲ୍ଲାର ୫ଟି ବ୍ଲକ୍ ଯଥା ଖଜୁରୀପଦା, ଫୁଲବାଣୀ, ଫିରିଙ୍ଗିଆ, ଟିକାବାଲି ଓ ଘୁ.ଉଦୟଗିରି ଅଂଚଳର ୬ଟି ହଟ୍‌ଜୋନ୍‌ର ୧୮ଟି ହଟ୍‌ସ୍ପଟ୍‌ରେ ରହୁଥିବା ୪୬୭ ଜଣ ତାଲିକାଭୁକ୍ତ ଯୋନକର୍ମୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରିଆସୁଛି । ସେଥି ମଧ୍ୟରୁ ୪୨୦ ଜଣ ଘରୋଇ ହୋଇଥିବା ବେଳେ ୪୭ ଜଣ ରାସ୍ତାଧାର କର୍ମୀ ଅଟନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୧୯ରୁ ୪୦ ବର୍ଷ ମଧ୍ୟରେ ରହିଛି ।

ଚିହ୍ନିତ ଯୌନକର୍ମୀ ମାନଙ୍କୁ ଯୌନରୋଗ ଓ ଏଡ୍‌ସ ପ୍ରତିଷେଧ, ସଂକ୍ରମଣ ରୋକିବା, ଚିକିତ୍ସା ସୁବିଧା, ଚିକିତ୍ସା ସହାୟତା ଏବଂ ସାମାଜିକ ସୁରକ୍ଷା ଯୋଗାଇଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ତାଲିକାଭୁକ୍ତ ବ୍ୟକ୍ତିମାନଙ୍କ ସହ ସିଧାସଳଖ ସଂପର୍କ ସ୍ଥାପନ କରି ଏବଂ ସେମାନଙ୍କର ଦଳ ଗଠନକରି କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରୀ କରାଯାଉଛି । ଏହା ମାଧ୍ୟମରେ ଯୌନ ରୋଗ ପ୍ରତିରୋଧକ ବ୍ୟବସ୍ଥାର ପ୍ରସାର ଓ ପ୍ରଚାର, କଣ୍ଡୋମ୍ ବ୍ୟବହାର ପାଇଁ ସଚେତନତା, କଣ୍ଡୋମ୍ ଯୋଗାଣ ଓ ବିତରଣ ବ୍ୟବସ୍ଥା, କର୍ମୀମାନଙ୍କ ବ୍ୟବହାରଗତ ପରିବର୍ତ୍ତନ ପାଇଁ ତାଲିମ୍, ପ୍ରଶିକ୍ଷଣ ଏବଂ ଶିକ୍ଷଣ ସାମଗ୍ରୀ, ଯୌନ ରୋଗ ଓ ସଂକ୍ରମଣର ଚିକିତ୍ସା, ନିୟମିତ ସ୍ୱାସ୍ଥ୍ୟ ଗତ ତତ୍ୱାବଧାନ ଏବଂ ଆବଶ୍ୟକୀୟ ସେବା ପ୍ରଦାନ, ସାମାଜିକ ସୁରକ୍ଷା ପାଇଁ ଗୋଷ୍ଠୀଗତ ସମନ୍ୱୟ ଏବଂ ବିଭିନ୍ନ ସହାୟତା ଉପଲବ୍ଧ କରାଇବା କାର୍ଯ୍ୟକ୍ରମ ମାନ କରାଯାଉଛି ।

## ୨୦୨୧ – ୨୨ ମସିହାର କାର୍ଯ୍ୟକ୍ରମ ସମୂହ

ଚଳିତ ବର୍ଷ ଚିହ୍ନିତ ସମୁଦାୟ ୪୬୭ ଜଣ ଯୌନକର୍ମୀଙ୍କ ମଧ୍ୟରେ ୪୨୦ ଜଣ ଘରୋଇ ଏବଂ ୪୭ ଜଣ ରାସ୍ତାକଡର ରହିଛନ୍ତି । ସମସ୍ତଙ୍କ ବୟସ ସୀମା ୧୯ରୁ ୪୫ ମଧ୍ୟରେ ରହିଥିବାବେଳେ ସେମାନଙ୍କ ମଧ୍ୟରେ ୨୦୯ ଜଣ ଉଚ୍ଚ ସଂକ୍ରମିତ, ୨୪୯ ଜଣ ମଧ୍ୟମ ଓ ୧୦ ଜଣ କମ୍ ସଂକ୍ରମିତ ଅଟନ୍ତି ।

କରୋନା ମହାମାରୀ ଜନିତ ସମସ୍ୟା ଯୌନକର୍ମୀ ମାନଙ୍କ ଜୀବିକା ପ୍ରତି ସଂକଟ ସୃଷ୍ଟି କରିଥିବାବେଳେ ସେମାନେ ସଂକ୍ରମଣର ଅଧିକ ସମ୍ଭାବନା ମଧ୍ୟ ରହିଥିଲା । ଏହାକୁ ଦୃଷ୍ଟିରେ ରଖି ସେମାନଙ୍କୁ କରୋନା ସଂପର୍କରେ ସଚେତନ କରାଯିବା ସହ ମାସ୍କ ଓ ସାନିଟାଇଜର୍ ଆଦି ଯୋଗାଇ ଦିଆଯାଇଥିଲା ।

କରୋନା ଜନିତ ରୋଜଗାରହୀନତାରୁ ସୁରକ୍ଷା ପାଇଁ ସେମାନଙ୍କୁ ସରକାର ପ୍ରଦତ୍ତ ସହାୟତା ପାଇବା ଏବଂ

**ଅଞ୍ଚଳ ଅନୁଯାୟୀ ଚିହ୍ନିତ ବ୍ୟକ୍ତିଙ୍କ ସଂଖ୍ୟା**

| ବ୍ଲକ୍ | ଘରୋଇ | ରାସ୍ତାଜଡ | ମୋଟ | ଉଚ୍ଚ | ମଧ୍ୟମ | ନିମ୍ନ | ମୋଟ |
|---|---|---|---|---|---|---|---|
| ଫୁଲବାଣୀ | ୭୮ | ୦୪ | ୮୨ | ୪୦ | ୪୧ | ୦୧ | ୮୨ |
| ଫିରିଙ୍ଗିଆ | ୭୫ | ୦୯ | ୮୪ | ୫୨ | ୨୮ | ୦୫ | ୮୪ |
| ଖଜୁରୀପଡା | ୮୮ | ୦୬ | ୯୪ | ୩୪ | ୫୯ | ୦୧ | ୯୪ |
| ଟିକାବାଲି | ୫୩ | ୧୦ | ୬୩ | ୩୧ | ୩୨ | ୦ | ୬୩ |
| ଘୁ.ଉଦୟଗିରି | ୭୦ | ୦୯ | ୭୯ | ୨୬ | ୫୩ | ୦ | ୭୯ |
| ଘୁ.ଉଦୟଗିରି-୨ | ୫୬ | ୦୯ | ୬୫ | ୨୬ | ୩୬ | ୦୩ | ୬୫ |
| ମୋଟ | ୪୨୦ | ୪୭ | ୪୬୭ | ୨୦୯ | ୨୪୯ | ୧୦ | ୪୬୭ |

ମନରେଗା ଆଦିରେ କାମ ପାଇବା ନିମନ୍ତେ ସହଯୋଗ କରାଯାଇଛି । ଚିହ୍ନିତ ବ୍ୟକ୍ତି ଓ ପରିବାରଗୁଡିକୁ ନିୟମିତ ସଂପର୍କ ରଖାଯାଇ ସମସ୍ତ ସ୍ୱାସ୍ଥ୍ୟଗତ ସହାୟତା, ସାମାଜିକ ସୁରକ୍ଷା ସହାୟତା ଏବଂ ଆବଶ୍ୟକୀୟ ପରାମର୍ଶ ଦିଆଯାଇଛି ।

ସଂକ୍ରମଣକୁ ରୋକିବା ପାଇଁ କଂଡୋମ୍ ବିତରଣ ଓ ବ୍ୟବହାର ସଂପର୍କରେ ବିଶେଷ ଗୁରୁତ୍ୱ ଦିଆଯାଇଛି । କଂଡୋମ୍ ବିତରଣ ପାଇଁ ୧୨ଟି ବିତରଣ କେନ୍ଦ୍ର ଖୋଲାଯାଇ ୧୦୫୮୫୬ କଂଡୋମ୍ ବିତରଣ କରାଯାଇଥିବା ବେଳେ ସୋସିଆଲ୍ ମାର୍କେଟିଂ ମାଧ୍ୟମରେ ୨୪୮୮ କଂଡୋମ୍ ଦିଆଯାଇଛି ।

ଚିହ୍ନିତ ବ୍ୟକ୍ତି ମାନଙ୍କୁ ଏଚ୍.ଆ.ଭି ପରୀକ୍ଷା ଓ ପରାମର୍ଶ ପାଇଁ ଫୁଲବାଣୀ, ଟିକାବାଲି, ଫିରିଙ୍ଗିଆ, ଖଜୁରୀପଡା ଆଦିର କେନ୍ଦ୍ର ଗୁଡିକୁ ପଠାଯାଇଛି । ଟିକାବାଲି, ଫିରିଙ୍ଗିଆ, ଖଜୁରୀପଡା, ଘୁ.ଉଦୟଗିରି ଓ ଫୁଲବାଣୀ ଠାରେ ୫ଟି ପି.ପି.ପି. କେନ୍ଦ୍ର ଖୋଲାଯାଇଛି । ଚଳିତ ବର୍ଷ ୧୦୮୫ ଜଣଙ୍କ ଆର୍.ଏମ୍.ସି, ୯୮ ଜଣ ପି.ଟି, ୭୧ ଜଣ ଏସ୍.ଟି ଆଇ, ୭୦୪ ଜଣଙ୍କର ଆଇ.ସି.ଟି.ସି, ୭୦୪ ଜଣଙ୍କର ସିଫିଲ୍‌ସ ଓ ୩୫ ଜଣଙ୍କର ଯକ୍ଷ୍ମା ପରୀକ୍ଷା କରାଯାଇଛି ।

ଫିରିଙ୍ଗିଆର ଗେରୁପଡା ଓ ଖଜୁରୀପଡାର ଦୁତିପଡାରେ ଦୁଇଟି ସ୍ୱାସ୍ଥ୍ୟ ଶିବିର କରାଯାଇ ରୋଗୀ ମାନଙ୍କୁ ଚିକିତ୍ସା ଓ ପରାମର୍ଶ ସେବା ପ୍ରଦାନ କରାଯାଇଛି । ସେସ୍କାଜୋଡିରେ ଶିବିର ଆୟୋଜନ କରାଯାଇ ଗୋଷ୍ଠୀ ଭିତ୍ତିକ ପରୀକ୍ଷଣ କରାଯାଇଥିଲା ଏବଂ ୧୧ ଦମ୍ପତ୍ତି ଏଠାରେ ଯୋଗ ଦେଇଥିଲେ । ସେହିପରି ଗ୍ରେସିଙ୍ଗିଆ, ଫିରିଙ୍ଗିଆ, ଖଜୁରୀପଡା, ଟିକାବାଲି, ସାଖିପଡା, ମୁଣ୍ଡାସାହି, କୁଇନପଡା ଆଦି ସ୍ଥାନରେ ମଧ ପରିକ୍ଷଣ ଶିବିର ମାନ କରାଯାଇଥିଲା ।

ବିଭିନ୍ନ ପୁସ୍ତକ , ପତ୍ରପତ୍ରିକା, ଚିତ୍ରବହି, କାନ୍ଥଲେଖା ଆଦି ମାଧ୍ୟମରେ ଏଚ୍,ଆଇ,ଭି ଓ ଏଡ୍‌ସ ସଂପର୍କିତ ସୂଚନା, ସଚେତନତା ବାର୍ତା ଓ ସ୍ୱାସ୍ଥ୍ୟ ସୂଚନା ଆଦିର ପ୍ରସାର କରାଯାଇଛି । ସ୍ୱାତୀ ଦ୍ୱାରା ଏଚ୍,ଆଇ,ଭି ଓ ଏଡ୍‌ସ ସଂପର୍କିତ ଓଡିଆ ସୂଚନା ସାମଗ୍ରୀ ତିଆରି ସହିତ ସାପ ସିଡି ଖେଳ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି ।

ତୃତୀୟଲିଙ୍ଗୀ ମାନଙ୍କୁ ନେଇ ଦୁଇଟି ଏଡ୍‌ସ ସଚେତନତା ଶିବିର କରାଯାଇଛି । ଏଥିରେ ଅଂଚଳର ୨୬ ଜଣ ତୃତୀୟଲିଙ୍ଗୀ ଯୋଗ ଦେଇଥିଲେ ।

ଏକ ବିଶାଳ କଲେଜ ସଚେତନତା କାର୍ଯ୍ୟକ୍ରମ କରି ଫିରିଙ୍ଗିଆର ପଂଚାୟତ କଲେଜରେ ଛାତ୍ରଛାତ୍ରୀ ମାନଙ୍କୁ ଏଡ୍‌ସ ସଂପର୍କରେ ସଚେତନ କରାଯାଇଛି ।

ଚିହ୍ନିତ ଅଂଚଳ ଗୁଡିକରେ ଏଚ୍,ଆଇ,ଭି ଓ ଏଡ୍‌ସର ଉତ୍ପତି, ସଂକ୍ରମଣ ଓ ସ୍ୱାସ୍ଥ୍ୟ ସଚେତନତା ବିଷୟରେ ନିୟମିତ ବୈଠକ ମାନ କରାଯାଇ ସଚେତନତା ସୃଷ୍ଟି କରାଯାଇଛି । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ସଚେତନ ନାଗରୀକ ମାନଙ୍କ ଦ୍ୱାରା ଏଡ୍‌ସ ସଚେତନତା ଶୋଭାଯାତ୍ରା, ବିଶ୍ୱ ଏଡ୍‌ସ ନିରାକରଣ ଦିବସ ଆଦି ପାଳନ କରାଯାଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି । ସେହିପରି ମାନବ ଅଧିକାର ଦିବସ, ପୁଷ୍ଟି ଦିବସ ଏବଂ ବିଭିନ୍ନ ଜାତୀୟ ଦିବସ ପାଳନ କରାଯାଇଛି ।

ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଭିନ୍ନ ସ୍ଥାନରେ ମହିଳା ସମାବେଶ ଏବଂ ଶୋଭାଯାତ୍ରାର ଆୟୋଜନ କରାଯାଇ ମହିଳା ଅଧିକାର ଏବଂ ମହିଳା ସମସ୍ୟା ସଂପର୍କରେ ଆଲୋଚନା କରାଯାଇଛି । ସେହିପରି କରୋନା ସଂକ୍ରମଣ ରୋକିବା ପାଇଁ ହାତ ଧୋଇବା, ମାସ୍କ ବ୍ୟବହାର ଆଦି ସଂପର୍କରେ ସଚେତନତା ସୃଷ୍ଟି କରାଯାଇଛି ।

## ୨୦୨୧-୨୨ର ଚିକିତ୍ସା ବିବରଣୀ

| ଚିକିତ୍ସା ଅନୁମୋଦନ ପ୍ରକାର | ଅନୁମୋଦନ ପ୍ରାପ୍ତ | ପରୀକ୍ଷା | ଶତକଡା |
|---|---|---|---|
| ଆର୍.ଏମ୍.ସି ପରିଦର୍ଶନ | ୧୬୫୬ | ୧୦୮୫ | ୬୫.୬୨ |
| ପି.ଟି | | ୯୮ | |
| ଏସ୍.ଟି.ଆଇ | | ୬୧ | |
| ଆଇ.ସି.ଟି.ସି ପରୀକ୍ଷା | ୯୩୯ | ୭୦୪ | ୭୪.୯୭ |
| ସିଫିଲିସ୍ ପରୀକ୍ଷା | ୯୩୯ | ୭୦୪ | ୭୪.୯୭ |
| ଯକ୍ଷ୍ମା ପରୀକ୍ଷା | ୧୦୪ | ୩୫ | ୩୩.୬୫ |

ଏହି ସମୟ ମଧ୍ୟରେ ଚିହ୍ନିତ ପରିବାର ଗୁଡିକୁ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ବିଭିନ୍ନ ଭତ୍ତା ଯୋଜନା, ଖାଉଟି ବିତରଣ ଯୋଜନା ଆଦି ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ସଂପୃକ୍ତ କରାଯାଇଛି । ୩ ଜଣ ମଧୁବାବୁ ପେନ୍‌ସନ, ଜଣେ ବିଜୁ ପକ୍କାଘର ଯୋଜନା ଏବଂ ଜଣେ ଶିକ୍ଷା ସହାୟତା ଯୋଜନାରେ ସାମିଲ ହୋଇଛନ୍ତି ।

### ଫଳାଫଳ ଓ ପ୍ରଭାବ –


ଏହି କାର୍ଯ୍ୟକ୍ରମ ଯୋଗୁଁ ଚିହ୍ନିତ ବ୍ୟକ୍ତିମାନେ ନିଜ ରୋଗକୁ ନିୟନ୍ତ୍ରିତ କରିପାରିଛନ୍ତି ଏବଂ ସୁସ୍ଥ ସାମାଜିକ ଜୀବନ ବିତାଉଛନ୍ତି । ସେମାନଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି । ରୋଗ ପ୍ରତି ସଚେତନତା ବୃଦ୍ଧି ହେବା ସହ ରୋଗୀ ପ୍ରତି ସାମାଜିକ ଅସୂୟା ହ୍ରାସ ପାଇଛି ।





ଚିହ୍ନିତ ବ୍ୟକ୍ତି, ଓ ବସତି ଅଂଚଳର ଲୋକମାନଙ୍କ ମଧ୍ୟରେ ସୁରକ୍ଷିତ ଯୌନ ସଂପର୍କ, କଂଡୋମ୍ ବ୍ୟବହାର ଏବଂ ଏଚ୍.ଆଇ.ଭି ସଂକ୍ରମଣ ସଂପର୍କରେ ସଚେତନତା ବଢ଼ିଛି ।

ଚିହ୍ନିତ ବ୍ୟକ୍ତିମାନଙ୍କୁ ସ୍ୱାସ୍ଥ୍ୟ ସହାୟତା ସହ ସାମାଜିକ ସୁରକ୍ଷା ଯୋଜନାରେ ସଂପୃକ୍ତ କରାଯିବା ଦ୍ୱାରା ସେମାନଙ୍କ ଜୀବନଜୀବିକାରେ ସ୍ଥିରତା ଆସିଛି ଏବଂ ସେମାନେ ସୁସ୍ଥ ଓ ସକ୍ଷମ ଜୀବନ ବିତାଇ ପାରୁଛନ୍ତି ।

କରୋନା ସଚେତନତା କାର୍ଯ୍ୟକ୍ରମ ଯୋଗୁଁ ଚିହ୍ନିତ ବ୍ୟକ୍ତି ମାନେ ସଂକ୍ରମଣରୁ ସୁରକ୍ଷିତ ରହିପାରିଛନ୍ତି । ସେମାନଙ୍କୁ ସରକାରୀ ସହାୟତା ସହ ମନରେଗାରେ ରୋଜଗାର ସୁବିଧା ମିଳିପାରିଛି ।














# ସ୍ୱୀକୃତି

## କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ

ରାଜ୍ୟର ତୃତୀୟଲିଙ୍ଗୀ ମାନଙ୍କ ସାମାଜିକ, ଆର୍ଥିକ ଓ ଅଧିକାରଗତ ବିକାଶ ନିମନ୍ତେ ରାଜ୍ୟ ଭିନ୍ନକ୍ଷମ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଦ୍ୱାରା ସ୍ୱୀକୃତି ଯୋଜନା କାର୍ଯ୍ୟକାରୀ ହେଉଛି । ଏହି ଯୋଜନାର ଉଦ୍ଦେଶ୍ୟ ଗୁଡିକ ହେଉଛି - ରାଜ୍ୟର ତୃତୀୟଲିଙ୍ଗୀ ମାନଙ୍କୁ ସମାନ ସୁବିଧା ସୁଯୋଗ, ସମାନତା, ସାମାଜିକ ନ୍ୟାୟ ଓ ସଶକ୍ତିକରଣ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟିକରିବା, ତୃତୀୟଲିଙ୍ଗୀ ମାନଙ୍କୁ ସାମାଜିକ ସଂହତି ଓ ସମନ୍ୱୟରେ ସାମିଲ କରିବା ପାଇଁ ସ୍ୱତଃପ୍ରବୃତ୍ତ ଉଦ୍ୟମ ଗୁଡିକୁ ଉତ୍ସାହିତ କରିବା, ତୃତୀୟଲିଙ୍ଗୀ ମାନଙ୍କ ଅଧିକାର ଏବଂସୁବିଧା ସୁଯୋଗ ଗୁଡିକର ସୁରକ୍ଷା ପାଇଁ ବିସ୍ତୃତ କାର୍ଯ୍ୟପନ୍ଥା ଗ୍ରହଣ କରିବା, ତୃତୀୟଲିଙ୍ଗୀ ମାନଙ୍କର ଦଳ ଗଠନ କରି ସେମାନଙ୍କ ନିଯୁକ୍ତି, ଆତ୍ମ ନିଯୁକ୍ତି ଏବଂ ଶିକ୍ଷାର ବିକାଶ ପାଇଁ ସୁଯୋଗ ପ୍ରଦାନ କରିବା ଏବଂ ରାଜ୍ୟର ସମସ୍ତ ତୃତୀୟଲିଙ୍ଗୀ ମାନଙ୍କ ନିକଟରେ ଯୋଜନାର ସୁବିଧା ଉପଲବ୍ଧ କରାଇବା । କନ୍ଧମାଳ, ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲାରେ ସହାୟକ ସଂସ୍ଥା ଭାବରେ ସ୍ୱାତୀ ଅନୁଷ୍ଠାନ କାର୍ଯ୍ୟକରୁଛି ।

ଏହି ଯୋଜନା ମାଧ୍ୟମରେ ସମସ୍ତ ତୃତୀୟଲିଙ୍ଗୀ ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରମାଣପତ୍ର ଓ ସ୍ମାର୍ଟ କାର୍ଡ ପ୍ରଦାନ କରିବା, ସମସ୍ତ ତୃତୀୟଲିଙ୍ଗୀ ମାନଙ୍କ ବାପା ମାଆଙ୍କୁ ସହାୟତା ପ୍ରଦାନ, ତୃତୀୟଲିଙ୍ଗୀ ପିଲା ମାନଙ୍କୁ ମେଟ୍ରିକ୍ ପୂର୍ବ ଓ ପରବର୍ତ୍ତୀ ଶିକ୍ଷାବୃତ୍ତି ପ୍ରଦାନ, ଦକ୍ଷତା ବୃଦ୍ଧି ଓ ଉଦ୍ୟୋଗ ବିକାଶ ତାଲିମ, ଆତ୍ମ ନିଯୁକ୍ତି ଭିତ୍ତିକ ଯନ୍ତ୍ରପାତି ସହାୟତା, ସେମାନଙ୍କ ଦଳ ଗଠନ କରି ତାର ସୁଦୃଢ଼ିକରଣ, ସେମାନଙ୍କୁ ସ୍ୱାସ୍ଥ୍ୟଗତ ସହାୟତା ଏବଂ ଦଳ ଭିତ୍ତିକ ବୀମା ପ୍ରଦାନ, ସମୋନଙ୍କୁ ଆଇନଗତ ସହାୟତା, ପରାମର୍ଶ ଏବଂ ତତ୍ତ୍ୱାବଧାନ, ସେମାନଙ୍କ ଅଧିକାରଗତ ଦାବୀ ହାସଲ ପାଁ ସଚେତନତା ଅଭିଯାନ ଆଦି କାର୍ଯ୍ୟକ୍ରମ ମାନ କରାଯାଉଛି ।

## ୨୦୨୧ – ୨୨ ମସିହାର କାର୍ଯ୍ୟକ୍ରମ ସମୂହ

ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ମାଧ୍ୟମରେ କନ୍ଧମାଳ ଜିଲ୍ଲାର ୩ଟି ବ୍ଲକ୍ ଅଚଳରୁ ୪୦ ଜଣ ତୃତୀୟଲିଙ୍ଗୀଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ୩୯ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବା ସହ ୩୦ ଜଣଙ୍କର ଦକ୍ଷତା ନିରୁପଣ କରାଯାଇଛି । ସେହିପରି ବୌଦ୍ଧ ଜିଲ୍ଲାରେ ୨୫ ଜଣ ଓ ସୁବର୍ଣ୍ଣପୁର ଜିଲ୍ଲାରେ ୨୧ ଜଣଙ୍କୁ ଚିହ୍ନଟ କରାଯାଇ ପରିଚୟପତ୍ର ପ୍ରଦାନ କରାଯିବା ସହ ଦକ୍ଷତା ନିରୁପଣ କରାଯାଇଛି ।

କନ୍ଧମାଳ ଜିଲ୍ଲାରେ ୪୧ଟି, ବୌଦ୍ଧ ଜିଲ୍ଲାରେ ୩୨ଟି ଓ ସୁବର୍ଣ୍ଣପୁର ଜିଲ୍ଲାରେ ୨୧ ଟି ଗୋଷ୍ଠୀ ସଚେତନତା କର୍ଯ୍ୟକ୍ରମ କରାଯାଇ ତୃତୀୟଲିଙ୍ଗ ମାନଙ୍କ ସଂପର୍କରେ ସଚେତନତା ସୃଷ୍ଟି କରାଯାଇଛି । ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ କର୍ମଶାଳା ଆୟୋଜନ କରି ତୃତୀୟଲିଙ୍ଗଙ୍କ ଅଧିକାର ଓ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଛି ।

କନ୍ଧମାଳ ଜିଲ୍ଲାରେ ଦକ୍ଷତା ନିରୁପଣ କର୍ମଶାଳା ମାଧ୍ୟମରେ ୪ ଜଣଙ୍କୁ ଫିନାଇଲ୍ ପ୍ରସ୍ତୁତି, ୩ ଜଣ ଡ୍ରାଇଭିଂ ତାଲିମ୍, ୪ ଜଣ ସିଲେଇ ଶିକ୍ଷା, ୬ ଜଣ ଛତୁଚାଷ ଏବଂ ୩ ଜଣ କୁକୁଡା ପାଳନ କରିବାକୁ ଯୋଜନା କରାଯାଇଛି । ବୌଦ୍ଧ ଜିଲ୍ଲାରେ ଏକ ଦକ୍ଷତା ନିରୁପଣ କର୍ମଶାଳା କରାଯାଇ ୨ ଜଣ ଫିନାଇଲ୍ ତିଆରି ଓ ଜଣେ ଡ୍ରାଇଭିଂ ତାଲିମ ପାଇଁ ଯୋଜନା କରାଯାଇଛି । ସୁବର୍ଣ୍ଣପୁର ଜିଲ୍ଲାରେ ୩ ଜଣଙ୍କୁ ଫିନାଇଲ୍ ତିଆରି ଓ ୨ ଜଣଙ୍କୁ ସିଲେଇ ତାଲିମ ଯୋଜନା କରାଯାଇଛି ।

କନ୍ଧମାଳ ଜିଲ୍ଲାରେ ନେତୃତ୍ୱ ବିକାଶ କର୍ମଶାଳା ମାଧ୍ୟମରେ ୨୮ ଜଣ ତୃତୀୟଲିଙ୍ଗଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ବୌଦ୍ଧ ଜିଲ୍ଲାରେ ୨୫ ଓ ସୁବର୍ଣ୍ଣପୁର ଜିଲ୍ଲାରେ ୨୦ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ତିନିଟି ଜିଲ୍ଲାରେ ସମୁଦାୟ ୭ଟି ସ୍ୱୟଂସହାକ ଦଳ ଗଠନ କରାଯାଇଛି ।

**ଫଳାଫଳ ଓ ପ୍ରଭାବ –**

ଏହି କାର୍ଯ୍ୟକ୍ରମ ତୃତୀୟଲିଙ୍ଗ ମାନଙ୍କ ମଧ୍ୟରେ ସାମାଜିକ ସୁରକ୍ଷା ଓ ବ୍ୟକ୍ତିଗତ ବିକାଶର ଆଶା ସଂଚାର କରିଛି ।

ସେମନଙ୍କ ଦଳ ଗଠନ ଦ୍ୱାରା ସାମାଜିକ ଶୋଷଣରୁ ସୁରକ୍ଷା ଏବଂ ନିଜ ଅଧିକାରଗତ ଦାବୀ ହାସଲ ପାଇଁ ସାଂଗଠନିକ ଶକ୍ତି ବଢିଛି । ବିଭିନ୍ନ କର୍ମଶାଳା ମାଧ୍ୟମରେ ସେମାନେ ନିଜର ଅଧିକାର ଓ ସରକାରୀ ଯୋଜନା ଗୁଡିକ ସଂପର୍କରେ ଜାଣି ପାରିଛନ୍ତି ।

ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କ ଆତ୍ମନିଯୁକ୍ତି, ଆୟ ଓ ରୋଜଗାର ବୃଦ୍ଧିର ବାଟ ଫିଟିଛି ।

ସ୍ୱାସ୍ଥ୍ୟଗତ ସହାୟତା ଓ ଚେତନତା କାର୍ଯ୍ୟକ୍ରମ ଯୋଗୁଁ ସେମାନେ ବିଭିନ୍ନ ରୋଗ ସଂପର୍କରେ ସଚେତନ ହୋଇ ପାରିଛନ୍ତି ଏବଂ ମୁକବିଲା ପାଇଁ ପତିଷେଧ ଓ ପ୍ରତିରୋଧକ ପଦକ୍ଷେପ ନେବାକୁ ସକ୍ଷମ ହୋଇଛନ୍ତି ।

















## ବାଇକ୍ ଆମ୍ବୁଲାନ୍ସ ଗରୁଡ

କନ୍ଧମାଳ ଜିଲ୍ଲାର ଅନେକ ଅଂଚଳ ଦୁର୍ଗମ ଓ ଘାଟି ଜଙ୍ଗଲ ପରିପୂର୍ଣ୍ଣ । ଏହାର ଆଭ୍ୟନ୍ତରୀଣ ଗାଁ ଗୁଡିକରେ ଯୋଗାଯୋଗ ଓ ଯାନବାହନର ଅସୁବିଧା ହେତୁ ସ୍ଥାନୀୟ ଗ୍ରାମବାସୀ ମାନେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିବାରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଅନେକ ଗାଁକୁ ପଥୁରିଆ ଘାଟି ରାସ୍ତା ଯୋଗୁଁ ଆମ୍ବୁଲାନ୍ସ ସେବା ପରି ଅତ୍ୟାବଶ୍ୟକୀୟ ସେବାରୁ ସେମାନେ ବଂଚିତ ହୋଇଥାନ୍ତି । ପରିବହନର ଅସୁବିଧା ହେତୁ ରୋଗୀକୁ ଭାରରେ ବୋହି ଚିକିତ୍ସା ପାଇଁ ଆଣିବାକୁ ପଡିଥାଏ । ବିଶେଷକରି ଗର୍ଭବତୀ ମହିଳା ଏବଂ ବୟସ୍କ ରୋଗୀମାନେ ଡାକ୍ତରଖାନାକୁ ଆସିବାକୁ ନାନା ଅସୁବିଧା ଓ ବିପଦର ସମ୍ମୁଖୀନ ହୁଅନ୍ତି । ଦୂରଦୂରାନ୍ତ ପାହାଡିଆ ଘାଟି ଗାଁରୁ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ପର୍ଯ୍ୟନ୍ତ କାନ୍ଧରେ ବୋହି ଆଣିବାରେ ଅନେକ ସମୟ ଲାଗିଯାଏ ଓ ବିପଦର ସାମ୍ନା କରିବାକୁ ପଡିଥାଏ । ଏସବୁ ସମସ୍ୟା ଗୁଡିକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ଦ୍ୱାରା ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ବାଇକ୍ ଆମ୍ବୁଲାନ୍ସ ସେବା ଗତ ତିନି ବର୍ଷ ହେବ ଚାଲୁ କରାଯାଇଛି । ସ୍ୱାତୀ ଫିରିଙ୍ଗିଆ ବ୍ଲକ୍‌ର ୪ଟି ପଂଚାୟତ ସାଡିଙ୍ଗିଆ, ପାଙ୍ଗା, ସୁମରବନ୍ଧ ଓ ଜଜେଶପାଙ୍ଗା ର ୭୩ ଗାଁରେ ଏହି ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଛି । ୩୦୭୮ଟି ପରିବାରର ୧୨୪୫୬ ଜଣ ଲୋକ ଏହାଦ୍ୱାରା ଉପକୃତ ହେଉଛନ୍ତି ।

ଗତ ବର୍ଷ କରୋନା କଟକଣା ଯୋଗୁଁ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିବାବେଳେ ଏହି ବାଇକ୍ ଆମ୍ବୁଲାନ୍ସ ସେବା ଗାଁ ଗୁଡିକର ଲୋକମାନଙ୍କୁ ସହାୟତା ଯୋଗାଇ ଦେଇଛି । ଚଳିତ ବର୍ଷ ଶହେରୁ ଅଧିକ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନାରେ ପ୍ରସବ ପାଇଁ ଏଥିରେ ନିଆଯାଇଛି । ସେହିପରି ୭୦ ଜଣରୁ ଅଧିକ ଅନ୍ୟାନ୍ୟ ରୋଗରେ ପୀଡିତ ରୋଗୀଙ୍କୁ ମଧ୍ୟ ଡାକ୍ତରଖାନାରେ ପହଂଚାଇ ଦିଆଯାଇଛି । ଦୁର୍ଗମ ଅଂଚଳରେ ଅବସ୍ଥିତ ଚଲାରାସ୍ତା ଥିବା ଗାଁ, ଘାଟି ଓ ନାଳ ଆଦି ପଡୁଥିବା ଗାଁ, ଜଙ୍ଗଲ ଅଭ୍ୟନ୍ତରରେ ରହିଥିବା ଗାଁ ଗୁଡିକର ଲୋକମାନେ ଏଥିରୁ ବେଶ୍ ଉପକୃତ ହୋଇ ପାରିଛନ୍ତି । କରୋନା ସମୟରେ ସବୁଆଡେ ଲୋକମାନେ ଭୟଭୀତ ହୋଇ ପଡିଥିବାବେଳେ ଗର୍ଭବତୀ ମାନଙ୍କ ପ୍ରସବ କାଳୀନ ପରିବହନ ସେବାରେ ଅନେକ ସମସ୍ୟା ଦେଖା ଦେଇଥିଲା । ତେବେ ବାଇକ୍ ଆମ୍ବୁଲାନ୍ସ ସେବାର ସୁବିଧା ସେମାନଙ୍କୁ ବହୁ ପରିମାଣରେ ଆଶ୍ୱସ୍ତି ଦେବାସହ ଗର୍ଭବତୀ ଓ ଅସହାୟ ରୋଗୀ ମାନଙ୍କୁ ଚିକିତ୍ସା କେନ୍ଦ୍ରରେ ପହଂଚାଇବାରେ ସହାୟତା କରିଥିଲା । ରାସ୍ତାର ଦୁର୍ଗମତା ଯୋଗୁଁ ଗାଁ ଗୁଡିକୁ ସାଧାରଣ ଆମ୍ବୁଲାନ୍ସ ଯାଇ ପାରୁନଥିବା ଗାଁ ଗୁଡିକୁ ଏହି ବାଇକ୍ ଆମ୍ବୁଲାନ୍ସ ପହଂଚି ପାରୁଛି । ଏହା ଗାଁ ଲୋକମାନଙ୍କ ମନରେ ଚିକିତ୍ସା ସେବା ପ୍ରତି ଆସ୍ଥା ସୃଷ୍ଟି କରିବା ସହ ମହିଳା ମାନଙ୍କୁ ବିପଦମୁକ୍ତ କରିପାରିଛି




## ଭ୍ରାମ୍ୟମାଣ ପ୍ରସବ ଯାନ (ଡେଲିଭରି ଭ୍ୟାନ)

ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ସହାୟତାରେ ଫିରିଙ୍ଗିଆ ବ୍ଲକ୍‌ରେ ରାଜ୍ୟର ପ୍ରଥମ ଭ୍ରାମ୍ୟମାଣ ପ୍ରସବ ଯାନ ସେବା ବ୍ୟବସ୍ଥା କରାଯାଇଛି । କନ୍ଧମାଳର ଗାଁ ଗୁଡିକର ଅବସ୍ଥିତ ଓ ଭୌଗୋଳିକ ଜଟିଳତା ପାଇଁ ଆମ୍ବୁଲାନ୍ସ ଉପଲବ୍ଧ ହୋଇପାରୁନଥିବା ବା ଆମ୍ବୁଲାନ୍ସ ପହଂଚିବା ପାଇଁ ସମସ୍ୟା

ରହିଥିବା ଗାଁ ଗୁଡିକରେ ଗର୍ଭବତୀ ମହିଳାମାନଙ୍କୁ ଡାକ୍ତରୀ ପ୍ରସବ ସେବା ଯୋଗାଇଦେବା ପାଇଁ ଏହି ବ୍ୟବସ୍ଥା କରାଯାଇଛି । ସ୍ୱାତୀ ଅନୁଷ୍ଠାନଏହି ଯାନର ପରିଚାଳନା ଦାୟିତ୍ୱ ନେଇଛି । ଯାନରେ ପ୍ରସବ ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଥିବାବେଳେ ଦୁଇଜଣ ନର୍ସ, ଦୁଇଜଣ ସହାୟିକା ଓ ଦୁଇଜଣ ଡ୍ରାଇଭର ନିୟୋଜିତ ଅଛନ୍ତି । ଦିନରାତି ସବୁ ସମୟରେ ଏହି ଯାନ ଉପଲବ୍ଧ ହେଉଥିବାବେଳେ ଫିରିଙ୍ଗିଆ ବ୍ଲକ୍‌ର ୨୪ ପଂଚାୟତକୁ ଏହା ସେବା ଯୋଗାଇ ଦେଉଛି ।

ଗତ ବର୍ଷ କରୋନା ମହାମାରୀ ସମୟରେ ଚିକିତ୍ସା କେନ୍ଦ୍ର ଗୁଡିକୁ ଲୋକମାନେ ଆସିବାକୁ ଭୟ କରିବା, ଯାନବାହନ ବନ୍ଦ ଯୋଗୁଁ ଗର୍ଭବତୀ ମାନେ ଚିକିତ୍ସାକେନ୍ଦ୍ର ପର୍ଯ୍ୟନ୍ତ ଆସିବାରେ ଅସୁବିଧା ଭୋଗୁଥିବାବେଳେ ଏହି ଯାନ ଗାଁ ଗାଁରେ ପହଂଚି ଲୋକମାନଙ୍କୁ ସେବା ଯୋଗାଇ ଦେଇଥିଲା ।

ଚଳିତ ବର୍ଷ ଏହି ଯାନ ଦ୍ୱାରା ଚାରିଶହରୁ ଅଧିକ ଗର୍ଭବତୀ ମହିଳା ପରିବହନ ସେବା ପାଇଥିବାବେଳେ ସେମାନଙ୍କ ମଧ୍ୟରୁ ୭୦ଜଣ ପ୍ରସବ ଯାନରେ ପ୍ରସବ ସୁବିଧା ପାଇଛନ୍ତି । ଏହି ସେବା ଡାକ୍ତରଖାନାରୁ ଦୂରଦୂରାନ୍ତରେ ରହିଥିବା ଗାଁ, ଦୁର୍ଗମ ଅଂଚଳରେ ରହିଥିବା ଗାଁ ଏବଂ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ପ୍ରସୂତୀ ମାନଙ୍କୁ ବେଶ୍ ସହାୟତା ଦେଇ ପାରୁଛି । ଏହି ଯାନର ସୁବିଧା ଯୋଗୁଁ ଗମନାଗମନର ସମସ୍ୟା ସତ୍ତ୍ୱେ ଅଂଚଳର ସମସ୍ତ ଗର୍ଭବତୀ ମାନେ ଡାକ୍ତରୀ ସହାୟତା ପାଇବାରେ ସକ୍ଷମ ହୋଇପାରିଛନ୍ତି ।

## କରୋନା ଓ ମ୍ୟାଲେରିଆ ନିରାକରଣ ଗ୍ରାମ ସଂପର୍କ ଅଭିଯାନ - ଦମନ

ସ୍ୱାତୀ ଅନୁଷ୍ଠାନ ତରଫରୁ ବ୍ରାହ୍ମଣପାଦ, କ,ନୂଆଗାଁ ଓ ଖଜୁରୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହାୟତାରେ ଅଭ୍ୟନ୍ତରୀଣ ଅଂଚଳର ୫୨ଟି ଗାଁରେ ଆଗରୁ ମ୍ୟାଲେରିଆ, ଡେଙ୍ଗୁ ଓ ଝାଡାବାନ୍ତି ଆଦି ରୋଗ ସଂପର୍କରେ ଲୋକନୃତ୍ୟ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାହୋଇ ଆସୁଥିବା ବେଳେ ଚଳିତ ବର୍ଷ କରୋନା ସଂପର୍କରେ ସଚେତନତା ସୃଷ୍ଟି କରାଯାଇଛି । ଫିରିଙ୍ଗିଆ ବ୍ଲକ୍ କାଶିନିପଦର ଅଂଚଳର କଶ୍ୟପ ଖମାରୀଙ୍କ ଲୋକପ୍ରିୟ ବୀଣାକାର ନୃତ୍ୟ ଦଳ ଗାଁ କୁ ଗାଁ ବୁଲି ନାଚ ଓ ଗୀତ ମାଧ୍ୟମରେ କରୋନା ସଚେତନତା ସୃଷ୍ଟି କରିଥିଲେ ।

କନ୍ଧମାଳର ଅଭ୍ୟନ୍ତରୀଣ ଆଦିବାସୀ ଗାଁ ଗୁଡିକରେ ଲୋକମାନଙ୍କ ଭିତରେ ରୋଗ ସଂପର୍କରେ ସଚେତନତା ବହୁତ କମ୍ । ତା ସହିତ ସରକାରୀ ତଥ୍ୟଗତ ସୂଚନା ସେମାନଙ୍କ ପାଖରେ ଠିକ୍ ଭାବେ ପହଞ୍ଚୁନଥିବାରୁ ସେମାନେ ରୋଗର କାରଣ ଓ ନିରାକରଣ ସଂପର୍କରେ ଜାଣିପାରିନଥାନ୍ତି । ରୋଗ ସଂପର୍କରେ ନାନା ଗୁଜବ ଶୁଣି ସେମାନେ ଭୟଭିତ ହୋଇଯାନ୍ତି । ସେହିପରି କିଛି ଅସଚେତନ ଲୋକ ସେମାନଙ୍କୁ ପୂଜାବିଧି ଆଦି କରିବାକୁ ପ୍ରବର୍ତ୍ତାନ୍ତି । କରୋନା ମହାମାରୀ ସମୟରେ ଆଭ୍ୟନ୍ତରୀଣ ଗାଁ ଗୁଡିକରେ ନାନା ପ୍ରକାର ଗୁଜବ ମଧ୍ୟ ବ୍ୟାପିଥିଲା । ମଦ ପିଉଥିବା ଲୋକଙ୍କୁ କରୋନା ହେବ ନାହିଁ, ଗୋବର ଓ ଗୋମୁତ୍ର ଆଦିରେ ହାତ ଧୋଇଲେ କରୋନା ସଂକ୍ରମଣ ହେବ ନାହିଁ ଆଦି ନାନା କଥା ଲୋକମାନଙ୍କ ଭିତରେ ପ୍ରଚାରିତ ହୋଇଥିଲା । ତେଣୁ କରୋନା ସଂପର୍କିତ ସଠିକ୍ ତଥ୍ୟ ଲୋକମାନଙ୍କ ପାଖରେ ପହଂଚାଇବା ପାଇଁ ସ୍ୱାତୀ ତରଫରୁ ଚିତ୍ର ସମ୍ବଳିତ ପୋଷ୍ଟର ସହ ଲୋକନୃତ୍ୟକୁ ମାଧ୍ୟମ କରାଯାଇଥିଲା ।

ଲୋକନୃତ୍ୟ ଦଳ ଗାଁ ଗୁଡିକୁ ଯାଇ ଲୋକମାନଙ୍କୁ କରୋନା ରୋଗର ଲକ୍ଷଣ, ଏଥିପାଇଁ ଥିବା ପରିକ୍ଷା ବ୍ୟବସ୍ଥା, ସରକାରୀ ଚିକିତ୍ସା ସୁବିଧା ଓ ସହାୟତା ଗୁଡିକ ବିଷୟରେ କୁଇ ଭାଷାରେ ଲୋକମାନଙ୍କୁ ବୁଝାଇଥିଲେ । ସେହିପରି କରୋନା ସଂକ୍ରମଣରୁ ସୁରକ୍ଷା ପାଇଁ ଜନ ଗହଳି ସ୍ଥାନକୁ ନଯିବା, ଲୋକ ସମାଗମ ହେବାପରି କାର୍ଯ୍ୟକ୍ରମ ମାନ ନକରିବା, ନୀୟମିତ ହାତ ଧୋଇବା ଏବଂ ମାସ୍କ ଲଗାଇବା, ଥଣ୍ଡା ଓ ଜ୍ୱର ଆଦି ଲକ୍ଷଣ ଦେଖାଦେଲେ ନିଜକୁ ଅନ୍ୟ ମାନଙ୍କ ଠାରୁ ଅଲଗା ରଖି କୋଭିଡ ସହାୟତା କେନ୍ଦ୍ରକୁ ଜଣାଇବା ଆଦି ବିଷୟରେ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମଟି ଗାଁ ଲୋକଙ୍କୁ ବେଶ୍ ଆକୃଷ୍ଟ କରିଥିଲା ଏବଂ ସେମାନେ କରୋନା ସଂପର୍କରେ ସଠିକ ତଥ୍ୟ ପାଇପାରିଥିଲେ ।







## କରୋନା ସହାୟତା ଓ ସ୍ୱାସ୍ଥ୍ୟସେବା

ଗତ ବର୍ଷ କରୋନା ମହାମାରୀର ସଂକ୍ରମଣ ଗ୍ରାମ୍ୟ ଜୀବନକୁ ଅତିମାତ୍ରାରେ ପ୍ରଭାବିତ କରିଥିଲା । ଏହି ସମୟରେ କରୋନା ସଂକ୍ରମଣର ଭୟ, ଚିକିତ୍ସା କେନ୍ଦ୍ର ଗୁଡିକ କରୋନା ଚିକିତ୍ସାରେ ନିୟୋଜିତ ହେବା ଦ୍ୱାରା ଅନ୍ୟ ରୋଗୀ ମାନେ ସମସ୍ୟାର ସମ୍ମୁଖିନ ହେବା, କରୋନା ପରୀକ୍ଷା ଭୟରେ ରୋଗୀ ମାନେ ଡାକ୍ତରଖାନାକୁ ନଯିବା, ଯାନବାହନ ଚଳାଚଳ ବନ୍ଦ ଯୋଗୁଁ ରୋଗୀମାନେ ଡାକ୍ତରଖାନାରେ ପହଂଚିବାର ସମସ୍ୟା, ଆମ୍ବୁଲାନ୍ସ ଅଭାବ ଯୋଗୁଁ ଗର୍ଭବତୀ ଓ ପ୍ରସୂତି ମହିଳାମାନେ ଅସୁବିଧାର ସମ୍ମୁଖିନ ହେବା ଆଦି ନାନା ସ୍ୱାସ୍ଥ୍ୟଗତ ସଂକଟ ଲାଗିରହିଥିଲା । ଏଥିସହ କରୋନା ବିଷୟରେ ଗୋଷ୍ଠୀ ସଚେତନତା, କରୋନା ପ୍ରତିଷେଧ ସଂପର୍କରେ ଗ୍ରାମ୍ୟସ୍ତରୀୟ ପଦକ୍ଷେପ ଆଦି ଜରୁରୀ ହୋଇପଡିଥିଲା । ତେବେ ସ୍ୱାତୀ ନିଜର କାର୍ଯ୍ୟକ୍ରମ ଓ ସମ୍ବଳକୁ ଆଧାର କରି ଏହି ସଂକଟର ସମାଧାନ ପାଇଁ ପଦକ୍ଷେପ ମାନ ଗ୍ରହଣ କରିଛି ।

କରୋନା କାଳିନ ସହାୟତା ଓ ସଚେତନତା କାର୍ଯ୍ୟକ୍ରମରେ ସ୍ୱାତୀର ୨୨୦ ଜଣ କର୍ମୀ ଓ ସ୍ୱେଚ୍ଛାସେବୀ ନିୟୋଜିତ ରହିଥିଲେ । ସେମାନେ ୧୦ଟି ବ୍ଲକ୍ ୪୭୦ଟି ଗାଁର ୨୨୦୦୦ରୁ ଅଧିକ ପରିବାର ସହିତ ସଂପର୍କ ସ୍ଥାପନ କରିଥିଲେ ।

ସ୍ୱାତୀ ତରଫରୁ ପୋଷ୍ଟର, ଲିଫ୍‌ଲେଟ୍, କାନ୍ଥଚିତ୍ର, ଲୋକନୃତ୍ୟ ଓ ଫୋନ୍ ବାର୍ତ୍ତା । ଜରିଆରେ କରୋନା ସଚେତନତା ଓ ପ୍ରତିଷେଧ ପଦକ୍ଷେପ ସଂପର୍କରେ ଜଣାଇ ଦିଆଯାଉଥିଲା । କରୋନା ସଂପର୍କିତ ତଥ୍ୟ ପାଇବା ପାଇଁ ଏକ ସହାୟତା କେନ୍ଦ୍ର ମଧ୍ୟ ଖୋଲାଯାଇଥିଲା । ସ୍ୱାତୀ ତରଫରୁ ପି.ପି.ଇ କିଟ୍, ଅକ୍ସିଜେନ୍, ଅକ୍ସିମିଟର, ମାସ୍କ, ସାବୁନ, ସାନିଟାଇଜର ଓ କିଶୋରୀ ବାଳିକା ମାନଙ୍କୁ ସାନିଟାରୀ ନାପ୍‌କିନ୍ ଯୋଗାଇ ଦିଆଯାଇଥିଲା । ଅଭାବୀ ପରିବାର ଗୁଡିକୁ ରାସନ କିଟ୍ ଯୋଗାଇ ଦିଆଯାଇଥିଲା ।

### କରୋନା ଟୀକାକରଣ ଅଭିଯାନ

କରୋନା ପ୍ରତିଷେଧ ପାଇଁ ହେଉଥିବା ଟୀକାକରଣ ଅଭିଯାନରେ ସ୍ୱାତୀ ସାମିଲ ହୋଇ ଗାଁ ଗୁଡିକରେ ଶତପ୍ରତିଶତ ଟୀକାକରଣ କରିବାକୁ ପଦକ୍ଷେପ ନେଇଛି । କନ୍ଧମାଳର ଆଭ୍ୟନ୍ତରୀଣ ଗାଁ ଗୁଡିକରେ କରୋନା ଟୀକାକୁ ନେଇ ଅନେକ ଗୁଜବ ଓ ଭ୍ରାନ୍ତ ଧାରଣା ରହିଥିଲା । ଲୋକମାନେ ଏହି ଟୀକା ନେଲେ ଦେହ ଅସୁସ୍ଥ ହେବା, ଦୁର୍ବଳତା ଆସିବା, ମହିଳା ମାନେ ପ୍ରଜନନ ଶକ୍ତି ହରାଇବାଆଦି ନାନା ଗୁଜବ ପ୍ରଚାରିତ ହେବା ଯୋଗୁଁ ଲୋକମାନେ ଟୀକା ନେବାକୁ ଅନିଚ୍ଛା ପ୍ରକାଶ କରୁଥିଲେ । ସ୍ୱାତୀ ଦ୍ୱାରା ଟୀକାମିତ୍ର ଅଭିଯାନ କରାଯାଇ ଗାଁର ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ଏଥିରେ ସାମିଲ କରାଯାଅଇଥିଲା ଏବଂ ଲୋକ ମାନଙ୍କ ଭିତରେ ଟୀକା ନେବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା । ବ୍ରାନ୍ତ ଧାରଣାର ଶିକାର ହୋଇଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଟୀକାର ଆବଶ୍ୟକତା ଓ ଉପକାରୀତା ସଂପର୍କରେ ବୁଝାଯାଇଥିଲା

ଏହି ପ୍ରକ୍ରିୟାରେ ସ୍ୱାତୀ କାର୍ଯ୍ୟଭୁକ୍ତ ଗାଁ ଗୁଡିକରେ ଶତପ୍ରତିଶତ କରୋନା ଟୀକାକରଣ ହାସଲ କରାଯାଇପାରିଲା ।





# ମହିଳା ସଶକ୍ତିକରଣ ଓ ଶିକ୍ଷା

ସମାଜରେ ବିଶେଷକରି ଗ୍ରାମୀଣ ଓ ଆଦିବାସୀ ସମାଜରେ ଅନେକ ପାରଂପରିକ ବ୍ୟବସ୍ଥା, କୁସଂସ୍କାର ଓ ଅସଚେତନତା ମହିଳା ମାନଙ୍କ ବିକାଶରେ ବାଧା ସୃଷ୍ଟି କରିଆସିଛି । ଶିକ୍ଷା ଓ ସଚେତନତା ଅଭାବରୁ ମହିଳାମାନେ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଅନେକାଂଶରେ ପଛୁଆ ରହିଛନ୍ତି ଏବଂ ଉପଯୁକ୍ତ ପ୍ରୋତ୍ସାହନ ଓ ସହାୟତା ଅଭାବରୁ ନିଜର ଅଧିକାର ଓ ସୁଯୋଗରୁ ବଂଚିତ ହୋଇଆସୁଛନ୍ତି । ଏହିସବୁ ସାମାଜିକ ଓ ଲିଙ୍ଗଗତ ବିଭେଦ ସୃଷ୍ଟି କରୁଥିବା ବ୍ୟବସ୍ଥା ଗୁଡିକୁ ବିଲୋପ କରି ଅନୁନ୍ନତ, ଅସୁରକ୍ଷିତ ଏବଂ ବିଶେଷକରି ମହିଳାମାନଙ୍କୁ ନିଷ୍ପତିଗତ ପ୍ରକ୍ରିୟାରେ ସାମିଲ କରିବା ଏବଂ ସେମାନଙ୍କ ଅଧିକାରକୁ ସ୍ୱୀକୃତ କରାଇବା ବିକାଶ ପ୍ରକ୍ରିୟାର ଏକ ମୁଖ୍ୟ ଦିଗ । ସ୍ୱାତୀ ଅନୁଷ୍ଠାନ ଏହାର କାର୍ଯ୍ୟକ୍ରମ ଗୁଡିକ ଦ୍ୱାରା ମହିଳା ସଶକ୍ତିକରଣ ସହ ସେମାନଙ୍କ ଭିତରେ ଶିକ୍ଷାର ପ୍ରସାର, ସାଂଗଠନିକ ଓ ନେତୃତ୍ୱର ଅଭିବୃଦ୍ଧି, ଅର୍ଥନୈତିକ ଏବଂ ଅଧିକାରଗତ ସଚେତନତା ବୃଦ୍ଧି ନିମନ୍ତେ ସ୍ୱାତୀ ଉଦ୍ୟମ କରି ଆସୁଛି ।

ସେହିପରି ସମ୍ବଳ ଓ ସୁଯୋଗ ଅଭାବରୁ ଆଦିବାସୀ ଅଂଚଳ ଗୁଡିକରେ ଗୁଣାତ୍ମକ ଶିକ୍ଷାର ପ୍ରସାର ହୋଇପାରିନାହିଁ । ଶିଶୁଶିକ୍ଷାରେ ଅବ୍ୟବସ୍ଥା, ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀ ମାନଙ୍କ ସଂଖ୍ୟାବୃଦ୍ଧି, ଝିଅ ମାନଙ୍କ କମ୍ ଶିକ୍ଷା ହାର ଏବଂ ଉଚ୍ଚଶିକ୍ଷାରେ କମ୍ ହାର ଆଦି ଏହି ଅଂଚଳର ଶିକ୍ଷାଗତ ଅବ୍ୟବସ୍ଥାକୁ ହିଁ ସୂଚାଉଛି । ଏକ ସାମାଜିକ ଅନୁଷ୍ଠାନ ହିସାବରେ ସ୍ୱାତୀ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଶିକ୍ଷାର ସୁଯୋଗ ସୃଷ୍ଟି ନିମନ୍ତେ କାର୍ଯ୍ୟକ୍ରମ ମାନ ଗ୍ରହଣ କରିଆସିଛି ।

ସ୍ୱାତୀ ପୂର୍ବରୁ ଗ୍ରହଣ କରିଥିବା ଜାତୀୟ ସହରୀ ବିକାଶ ଯୋଜନାରେ ଭୁବନେଶ୍ୱର, ବ୍ରହ୍ମପୁର, ଫୁଲବାଣୀ ଓ ବୌଦ ଆଦି ସହାରାଂଚଳରେ ୬୦୦ରୁ ଅଧିକ ମହିଳା ସ୍ୱୟଂ ସହାୟିକା ଦଳ ଗଡାଯାଇ ସେମାନଙ୍କୁ ରୋଜଗାର ବୃଦ୍ଧି ବ୍ୟବସ୍ଥା ସହ ମହାସଂଘ ମାନ ଗଢାଯାଇଛି । ଏହାଛଡା ସ୍ୱାତୀର ବାଡି କାର୍ଯ୍ୟଭୁକ୍ତ ଅଂଚଳ, ବନାୟନ କାର୍ଯ୍ୟଭୁକ୍ତ ଅଂଚଳ, ମହିଳା ଓ ଶିଶୁ କଲ୍ୟାଣ କାର୍ଯ୍ୟ ଅଂଚଳ, ମିଲେଟ ମିଶନ ଅଂଚଳ, କୃଷି ବିକାଶ କାର୍ଯ୍ୟଭୁକ୍ତ ଅଂଚଳରେ ୧୦୦୦ରୁ ଅଧିକ ମହିଳା ସ୍ୱୟଂସହାୟିକା ଦଳ ରହିଛି । ଏହି ମହିଳା ଦଳ ଗୁଡିକ ସଂଚୟ ଓ ରୋଜଗାର ଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ସଂପୃକ୍ତ ରହିଛନ୍ତି । ସ୍ୱାତୀ ଦ୍ୱାରା ଗତ ଦିନ ଗୁଡିକରେ ବାଲ୍ୟ ବିବାହ ନିରୋଧ ଅଭିଯାନ, ମହିଳା ଶିକ୍ଷା ଓ ସ୍ୱାସ୍ଥ୍ୟ ଅଭିଯାନ, ଘରୋଇ ହିଂସା ଓ ମହିଳା ହିଂସା ନିରୋଧ ଅଭିଯାନ ଆଦି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇ ମହିଳା ସଶକ୍ତିକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଚଳିତ ବର୍ଷ ଯୁବ ଗୋଷ୍ଠି ଏବଂ ଛାତ୍ର ମାନଙ୍କ ମଧ୍ୟରେ ମହିଳା ବିରୋଧି ହିଂସା ସଂପର୍କରେ ସଚେତନତା ସୃଷ୍ଟି ଏବଂ ପ୍ରତିରୋଧ ପାଇଁ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି ।




# ମହିଳା ବିରୋଧି ହିଂସା ସଂପର୍କିତ କଲେଜ ସ୍ତରୀୟ ସଚେତନତା

ସମାଜରେ ଥିବା ପାରଂପରିକ ଲିଙ୍ଗଗତ ବିଭେଦତା ଯୋଗୁଁ ମହିଳାମାନେ ସାମାଜିକ ସ୍ତରରେ ଶୋଷଣ, ନିର୍ଯ୍ୟାତନା ଓ ହଂସାର ଶିକାର ହୋଇଚାଲିଛନ୍ତି । ବର୍ତ୍ତମାନ ଶିକ୍ଷା ଓ ସଚେତନତାର ଅନେକ ବିକାଶ ହୋଇଥିଲେ ମଧ ସମାଜରୁ ଏହି ଭାବନାଟି ଦୂର ହୋଇ ପାରିନାହିଁ । ଏହି ଚିନ୍ତାଧାରା ଯୋଗୁଁ ମହିଳା ମାନେ ପରିବାରରେ, ଗୋଷ୍ଠୀରେ, କାର୍ଯ୍ୟକ୍ଷେତ୍ରରେ. ବିଭିନ୍ନ ସୁବିଧା ସୁଯୋଗ ହାସଲ ଦିଗରେ ବିଭିନ୍ନ ତାରତମ୍ୟତା, ଶୋଷଣ ଓ ନିର୍ଯ୍ୟାତନାର ଶିକାର ହୋଇ ଚାଲିଛନ୍ତି । ତେଣୁ ମହିଳା ହିଂସା ମୁକ୍ତ ଏକ ସୁସ୍ଥ ସମାଜ ଗଠନ ପାଇଁ ସେମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ସହ ମହିଳାଙ୍କ ପ୍ରତି ହେଉଥିବା ସମସ୍ତ ହିଂସା ଓ ନିର୍ଯ୍ୟାତନାର ସବୁସ୍ତରରେ ବିରୋଧ ଓ ବିଲୋପର ଆବଶ୍ୟକତା ରହିଛି । ସମାଜର ଯୁବବର୍ଗ ଏଦିଗରେ ସଚେତନ ହେଲେ ଏବଂ ପଦକ୍ଷେପ ନେଲେ ଏହା ହ୍ରାସ ପାଇବା ସମ୍ଭବ ।

ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀ ମାନଙ୍କ ଭିତରେ ଲିଙ୍ଗଗତ ସଚେତନତା ଏବଂ ମହିଳା ବିରୋଧି ହିଂସାର ନିରାକରଣ ନିମନ୍ତେ ସଚେତନତା ସୃଷ୍ଟି ଏବଂ ପଦକ୍ଷେପ ଗ୍ରହଣ ପାଇଁ ସ୍ୱାତୀ ତରଫରୁ ଏହି କଲେଜ ସ୍ତରୀୟ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ରାଜ୍ୟର ୧୫ଟି କଲେଜରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଲିଙ୍ଗଗତ ତାରତମ୍ୟତା ଏବଂ ମହିଳା ବିରୋଧି ହିଂସା ସଂପର୍କରେ ଦୁଇଦିନିଆ କର୍ମଶାଳା ମାନ ଆୟୋଜନ କରାଯାଇଥିଲା । ବିଶିଷ୍ଟ ପ୍ରଶିକ୍ଷିକା ସୁଜାତା ମହାପାତ୍ରଙ୍କ ସଂଯୋଜନାରେ ବିଶିଷ୍ଟ ସାଧନ ବ୍ୟକ୍ତି ମାନେ ଏହି କର୍ମଶାଳା ଅଂଶ ଗ୍ରହଣ କରି ମହିଳା ମାନଙ୍କ ସାମାଜିକ ସ୍ଥିତି, ସେମାନଙ୍କ ପ୍ରତି ରହିଥିବା ପାରଂପରିକ ପ୍ରଭେଦତା ଏବଂ ମହିଳା ବିରୋଧି ହିଂସା ସଂପର୍କରେ ଆଲୋଚନା କରୁଥିଲେ । ଛାତ୍ର ଛାତ୍ରୀମାନେ ନିଜେ ସାମ୍ନା କରିଥିବା ମହିଳା ବିରୋଧି ଘଟଣା ଗୁଡିକ ଉପସ୍ଥାପନା କରିବା ସହିତ ବ୍ୟକ୍ତିଗତ ସ୍ତରରେ କୌଣସି ମହିଳା ବିରୋଧି ହିଂସାରେ ସଂପୃକ୍ତ ନହେବା ଏବଂ ଏହାକୁ ବିରୋଧ କରିବାକୁ ଶପଥ ନେଇଥିଲେ । ୧୫ଟି କଲେଜରେ ହୋଇଥିବା ୧୫ଟି କର୍ମଶାଳାରେ ୧୫୦୦ରୁ ଅଧିକ ଛାତ୍ରଛାତ୍ରୀ, ଅଧାପକ ଓ ବୁଦ୍ଧିଜୀବୀ ମାନେ ସାମିଲ ହୋଇଥିଲେ । ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା











# ଶିଶୁ ମାନଙ୍କ ପ୍ରାକ୍ ପ୍ରାଥମିକ ଶିକ୍ଷା

ଆଦିବାସୀ ଅଂଚଳରେ ଶିକ୍ଷାର ବିକାଶ, ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ହ୍ରାସ କରିବା, ଶିକ୍ଷାର ଗୁଣାତ୍ମକ ବିକାଶ, ଶିଶୁ ମାନଙ୍କ ପ୍ରାକ୍ ପ୍ରାଥମିକ ଶିକ୍ଷାର ବିକାଶ ଏବଂ ପାଠ ଛାଡିଥିବା ପିଲାମାନଙ୍କୁ ପତ୍ର ବିନିମୟ ଶିକ୍ଷାର ସୁଯୋଗ ଦେବା ଆଦି କାର୍ଯ୍ୟକ୍ରମ ଗୁଡିକ ସ୍ୱାତୀ ଗ୍ରହଣ କରି ଆସୁଛି ।

ଶିଶୁ ମାନଙ୍କୁ ପ୍ରାକ୍ ପ୍ରାଥମିକ ଅବସ୍ଥାରୁ ସୃଜନଶୀଳ କରିବା ସହ ଶିକ୍ଷା ପ୍ରକ୍ରିୟା ସହିତ ଯୋଡିବା ପାଇଁ ସହରାଂଚଳରେ ନାନା ବ୍ୟବସ୍ଥା ରହିଥିଲେ ମଧ ଗ୍ରାମାଂଚଳ ଓ ଅନଗ୍ରସର ଅଂଚଳରେ ଏହାର ଅଭାବ ରହିଛି । ସରକାରୀ ଭାବେ ଅଙ୍ଗନବାଡି ଦ୍ୱାରା ଏହା ଚାଲୁଥିଲେ ମଧ ଉପଯୁକ୍ତ ଭିତିଭୂମି ଓ ସାମଗ୍ରୀର ଅଭାବରୁ ତାହା ବିଶେଷ ପ୍ରଭାବଶାଳୀ ହୋଇପାରୁନାହିଁ । ତେଣୁ ଅନଗ୍ରସର ଅଂଚଳରେ ଶିଶୁ ମାନଙ୍କୁ ପ୍ରାକ୍ ପ୍ରାଥମିକ ସ୍ତରରୁ ଗୁଣାତ୍ମକ ଶିକ୍ଷା ପ୍ରଦାନର ବ୍ୟବସ୍ଥା ସହ ସେମାନଙ୍କ ଅନ୍ତର୍ନିହିତ ସକ୍ଷମତାର ବିକାଶ ପାଇଁ ସମସ୍ତ ବନ୍ଦୋବସ୍ତ କରିବା ନିମନ୍ତେ ସ୍ୱାତୀ ଦ୍ୱାରା ଗତ ବର୍ଷ ଗୁଡିକରେ ପ୍ରାକ୍ ପ୍ରାଥମିକ ଶିଶୁ ସ୍ୱାସ୍ଥ୍ୟ ଓ ଶିକ୍ଷା କାର୍ଯ୍ୟକ୍ରମ ଚାଲୁ ରହିଥିଲା । ୩ରୁ ୬ ବର୍ଷ ବୟସର ପିଲାମାନଙ୍କ ପାଇଁ ଉନ୍ନତ ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ଥିବା ବ୍ୟବସ୍ଥା ଗୁଡିକୁ ଅଧିକ ଦକ୍ଷ ଓ ସକ୍ଷମ କରାଇବା, ଏଥିପାଇଁ ଥିବା ସରକାରୀ ବ୍ୟବସ୍ଥାକୁ ଅଧିକ କ୍ରୀୟାଶୀଳ, ପ୍ରଭାବଶାଳୀ ଓ ଗୁଣାତ୍ମକ ଅଭିବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ମୁଖ୍ୟ ଉଦ୍ଦେଶ୍ୟ । ପରିବାର ସ୍ତରରୁ ଆରମ୍ଭ କରି ଗାଁ, ଅଙ୍ଗନବାଡି ଓ ସ୍କୁଲ ପର୍ଯ୍ୟନ୍ତ ଶିଶୁମାନଙ୍କ ଗୁଣାତ୍ମକ ଅଭିବୃଦ୍ଧିରେ କିପରି ଜଡିତ ରହିବେ ଏବଂ ପ୍ରାଥମିକ ଶିକ୍ଷାକୁ ଯିବା ବେଳକୁ ଶିଶୁଟି କିପରି ନିପୁଣତା ଓ ସକ୍ଷମତା ହାସଲ କରିଥିବ ସେଥିପାଇଁ ଏହି କାର୍ଯ୍ୟକ୍ରମରେ ପଦକ୍ଷେପ ମାନ ଗ୍ରହଣ କରାଯାଇଥିଲା ।

ସେଭ୍ ଦି ଚିଲ୍‌ଡ୍ରେନ ସହଯୋଗରେ ସ୍ୱାତୀ ଏ କାର୍ଯ୍ୟକ୍ରମ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍‌ର ୧୪ ଗ୍ରାମ ପଂଚାୟତ ୧୨୨ଟି ଗାଁରେ କାର୍ଯ୍ୟକାରୀ କରିଛି । ଏହି କାର୍ଯ୍ୟକ୍ରମ ଫଳରେ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ଶିଶୁ ଉପସ୍ଥାନ ବୃଦ୍ଧି ପାଇବା ସହ ପରିଚାଳନାଗତ ବ୍ୟବସ୍ଥା ଦୃଢ ହୋଇଛି ।





ଅଭିଭାବକ ଓ ଶିକ୍ଷକ ମାନଙ୍କ ମଧ୍ୟରେ ଉନ୍ନତ ପ୍ରାକ୍ ଶିଶୁ ଶିକ୍ଷା ସଂପର୍କରେ ଦାୟିତ୍ୱ ବଢିଛି ଏବଂ ଅଙ୍ଗନବାଡି ଗୁଡିକରେ ଶିଶୁ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଛି । ଅଭିଭାବକ ମାନେ ନିଜେ ନିଜର ଶିଶୁଙ୍କ ପାଇଁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ଓ ତାହାକୁ ବ୍ୟବହାର କରି ପିଲାଙ୍କୁ ବିଭିନ୍ନ ଶିକ୍ଷା ଦେବା ପ୍ରକ୍ରିୟା ଯୋଗୁଁ ସେମାନଙ୍କର ଶିକ୍ଷାପ୍ରତି ଦାୟିତ୍ୱବୋଧ ବଢିଛି । ଗତ ୨୦୨୧ ମସିହାରୁ ଏହି ପ୍ରକଳ୍ପର ସମୟ ଶେଷ ହୋଇଥିଲେ ମଧ୍ୟ ସ୍ୱାତୀ ଦ୍ୱାରା ଗୋଷ୍ଠୀ ସହାୟତାରେ ଏହି କାର୍ଯ୍ୟର ପରିଚାଳନା କରାଯାଉଛି ଏବଂ ଅଂଗନବାଡି କର୍ମୀ, ଗ୍ରାମ୍ୟ କମିଟି ଓ କିଶୋରୀ ଦଳ ଗୁଡିକ ସହାୟତାରେ ଏହି କାର୍ଯ୍ୟକ୍ରମର ପରିଚାଳନା କରାଯାଉଛି ।

ସେହିପରି ଗତ ବର୍ଷ ଗୁଡିକରେ ସ୍ୱାତୀ ଦ୍ୱାରା ହେଉଥିବା ଅନନ୍ୟା କାର୍ଯ୍ୟକ୍ରମ ମାଧ୍ୟମରେ ଅଧାରୁ ପାଠ ଛାଡିଥିବା କିଶୋର ବାଳକ ବାଳିକା ମାନଙ୍କୁ ପୁଣି ଶିକ୍ଷା ପ୍ରତି ଆକୃଷ୍ଟ କରିବା ଏବଂ ବିଦ୍ୟାଳୟରେ ନାମ ଲେଖାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା । ସେହି ପ୍ରକଳ୍ପ ଶେଷ ହୋଇଥିଲେ ମଧ୍ୟ ଗାଁ ଗୁଡିକରେ କିଶୋର ବାଳକ ବାଳିକା ମାନଙ୍କୁ ସଂଗଠିତ କରି ଉଚ୍ଚଶିକ୍ଷା ସୁବିଧା କରିବା ଏବଂ ଜୀବନ କୌଶଳ ତାଲିମ ଦେବା ଧାରା ବଜାୟ ରହିଛି ।

ଫିରିଙ୍ଗିଆ ବ୍ଲକ୍ ଅଂଚଳରେ ଚାଲିଥିବା ଶିଶୁ ଓ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ  ଶିଶୁ ମାନଙ୍କ ପ୍ରାକ୍ ପ୍ରାଥମିକ ଗୁଣାତ୍ମକ ଶିକ୍ଷା ଏବଂ କିଶୋର କିଶୋରୀ ମାନଙ୍କ ଉଚ୍ଚ ଶିକ୍ଷା ଏବଂ ଜୀବନ କୌଶଳ ଶିକ୍ଷା ବ୍ୟବସ୍ଥା କରାଯାଇଛି ।

ସ୍ୱାତୀର କାର୍ଯ୍ୟଭୁକ୍ତ ଗାଁ ଗୁଡିକରେ ବାଳିକା ଶିକ୍ଷା ପାଇଁ ଗୋଷ୍ଠୀ ସ୍ତରୀୟ ସଚେତନତା ସୃଷ୍ଟି କରାଯିବା ସହ ୧୪ ବର୍ଷରୁ କମ୍ ବୟସ୍କ ସମସ୍ତ ପିଲାଙ୍କ ଶିକ୍ଷାକୁ ବାଧ୍ୟତାମୂଳକ କରିବା ପାଇଁ ପଦକ୍ଷେପ ମାନ ନିଆଯାଉଛି ।

ଦୁର୍ଗମ ଅଚଳରେ ଅବସ୍ଥିତ ଗାଁ ଗୁଡିକରେ ସ୍କୁଲ ଗୁଡିକୁ ନୀୟମିତ କରିବା, ଅଙ୍ଗନବଡି ଶିକ୍ଷାକୁ ଆକର୍ଷଣୀୟ କରିବା, ପ୍ରାଥମିକ ଶିକ୍ଷକ ଓ ଅଙ୍ଗନବଡି କର୍ମୀ ମାନଙ୍କୁ ସୃଜନାତ୍ମକ କୌଶଳରେ ଶିକ୍ଷାଦାନ ପାଇଁ ପ୍ରଶିକ୍ଷଣ ଦେବା କାର୍ଯ୍ୟକ୍ରମ ମାନ କରାଯାଇଛି ।

ଗତ କରୋନା କଟକଣା ସମୟରେ ପିଲାମାନଙ୍କୁ ମୋବାଇଲ୍ ମାଧ୍ୟମରେ ଶିକ୍ଷାଦାନ ପାଇଁ ୪ଟି ବିଷୟର ୧୦ କୌଶଳ କୁ ନେଇ ପିଲା ଓ ଅଭିଭାବକଙ୍କ ସହାୟତାରେ ଛୋଟ ଭିଡିଓ ମାନ ପ୍ରସ୍ତୁତ କରାଯାଇଥିଲା ସମୁଦାୟ ୬୧ଟି ଭିଡିଓ ପ୍ରସ୍ତୁତ ହୋଇଥିଲା ଏବଂ ତାହା ପିଲାମାନଙ୍କୁ ଶିକ୍ଷା ଦେବାପାଇଁ ବ୍ୟବହୃତ ହୋଇଥିଲା ।

ପ୍ରକଳ୍ପ କର୍ମୀ ମାନେ ହାତ ପାଆନ୍ତାରେ ମିଳୁଥିବା ଜିନିଷକୁ ନେଇ ପିଲା ମାନଙ୍କ ପାଇଁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ । ସେସବୁ ପିଲାମାନଙ୍କ ଶିକ୍ଷାରେ ଆଗ୍ରହ ସୃଷ୍ଟି କରିଥିଲା । ନୀତି ଆୟୋଗ ଦ୍ୱାରା କରାଯାଉଥିବା ଦାଦା ଦାଦି ଓ ନନା ନାନୀ କାର୍ଯ୍ୟକ୍ରମ ୪୩ଟି ଗାଁରେ ଆୟୋଜନ କରାଯାଇଥିଲା । ଏଥିରେ ୧୫୧ ପୁରୁଷ ଓ ୧୯୮ ମହିଳାଙ୍କ ସମେତ ସମୁଦାୟ ୩୪୯ ଜଣ ଭାଗ ନେଇଥିଲେ । ମୁଖ୍ୟତଃ ଜେଜେ ଓ ଜେଜେମା ମାନେ ସେମାନଙ୍କ ନାତି ନାତୁଣୀଙ୍କ ସହ ଏଥିରେ ଯୋଗ ଦେଇଥିଲେ ।






# ମହିଳା ମାନଙ୍କ ଆର୍ଥିକ, ସାଂଗଠନିକ ଓ ସ୍ୱାସ୍ଥ୍ୟର ବିକାଶ

ମହିଳା ମାନଙ୍କ ବିକାଶ ଓ ସଶକ୍ତିକରଣ ପାଇଁ ସ୍ୱାତୀର ସମସ୍ତ ଜୀବନଜୀବିକା କାର୍ଯ୍ୟକ୍ରମ, କୃଷିବିକାଶ କାର୍ଯ୍ୟକ୍ରମ, ସାଂଗଠନିକ କାର୍ଯ୍ୟକ୍ରମ ଏବଂ ସ୍ୱାସ୍ଥ୍ୟ ବିକାଶ କାର୍ଯ୍ୟକ୍ରମ ଗୁଡିକ ମୂଖ୍ୟତଃ ମହିଳାଭିମୂଖି କରାଯାଇଛି । ଏହିସବୁ କାର୍ଯ୍ୟକ୍ରମ ଗୁଡିକ ମାଧମରେ ଅନୁଷ୍ଠାନ ୩୦୦୦ରୁ ଅଧିକ ମହିଳାଦଳ ଗଠନ କରିବାସହ ସେମାନଙ୍କୁ ପ୍ରଶିକ୍ଷଣ ମାଧମରେ ଦୃଢ କରିଛି । ସ୍ୱାତୀ ଗତ ବର୍ଷ ଗୁଡିକରେ କାର୍ଯ୍ୟକାରୀ କରିଥିବା ଦୀନଦୟାଲ ଅନ୍ତ୍ୟୋଦୟ – ଜାତୀୟ ସହରୀ ଜୀବିକା ବିକାଶ ମିଶନ ମାଧମରେ ଭୁବନେଶ୍ୱର, ବ୍ରହ୍ମପୁର, ଫୁଲବାଣୀ ଓ ବୌଦ୍ଧ ସହରରେ ୫୦୦ ମହିଳା ଦଳ ଗଠନ କରିବା ସହ ୪୦ଟି ୱାର୍ଡ ସ୍ତରୀୟ ମହାସଂଘ ଓ ୩୦ଟି ଆଂଚଳିକ ମହାସଂଘ ଗଠନ କରିଛି । ସେହିପରି ବନାୟନ କାର୍ଯ୍ୟକ୍ରମ ମାଧମରେ ଗଞ୍ଜାମ ଜିଲ୍ଲାରେ ୧୦୦ଟି ବନ ସଂରକ୍ଷଣ ସମିତି ଅନ୍ତର୍ଭୁକ୍ତ ଗାଁରେ ୫୦୦ରୁ ଅଧିକ ମହିଳାଦଳ ଗଠନ କରାଯାଇଛି । ଅନନ୍ୟା କାର୍ଯ୍ୟକ୍ରମ ମାଧମରେ କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ୍‌ର ୧୧ଟି ପଂଚାୟତର ୧୧୫ଟି ଗାଁରେ ୧୧୫ଟି କିଶୋରୀ ବାଳିକାଦଳ ଗଢାଯିବା ସହ ୧୧ଟି ପଂଚାୟତ ସ୍ତରୀୟ କିଶୋରୀ ବାଳିକା ସଂଘ ଓ ଗୋଟିଏ ବାଳିକା ମହାସଂଘ ଗଢା ଯାଇଛି । ବିକାଶ କାର୍ଯ୍ୟକ୍ରମ ଗୁଡିକରେ ସେମାନଙ୍କର ସଂପୃକ୍ତି, କାର୍ଯ୍ୟକ୍ରମ ମାଧମରେ ସେମାନଙ୍କର ବାହ୍ୟଜ୍ଞାନ ହାସଲ, ସରକାରୀ ଓ ଆନୁଷ୍ଠାନିକ ସଂପର୍କ ବୃଦ୍ଧି, ରୋଜଗାର ସକ୍ଷମତା ଏବଂ ସର୍ବୋପରି ନିଜସ୍ୱ ସାଂଗଠନିକ ମନୋବଳ ସେମାନଙ୍କୁ ପରିବାର, ଗାଁ ଓ ଅଂଚଳ ସ୍ତରରେ ସ୍ୱତନ୍ତ୍ର ପରିଚୟ ଆଣି ଦେଇଛି । ମହିଳା ଦଳ ଗୁଡିକ ଦ୍ୱାରା ବିଭିନ୍ନ ରୋଜଗାର ଭିତିକ କାର୍ଯ୍ୟକ୍ରମ ଗ୍ରହଣ, ଲଘୁ ଉଦ୍ୟୋଗ, ଉନ୍ନତ କୃଷି, ଫଳ ଚାଷ, କୁକୁଡା ପାଳନ, ସଂଚୟ ଆଦି ଯୋଗୁଁ ଆର୍ଥିକ ସକ୍ଷମତା ବଢ଼ିଛି । ସେହିପରି ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ଓ ପ୍ରସୂତୀ ସୁବିଧା ଆଦି କାର୍ଯ୍ୟକ୍ରମ ଗୁଡିକ ସେମାନଙ୍କୁ ମାନସିକ ଓ ଶାରୀରିକ ଭାବେ ଦୃଢ କରିଛି । ବାଳିକାଙ୍କ ଶିକ୍ଷାର ପ୍ରସାର ଓ ବାଲ୍ୟବିବାହ ନିରୋଧ ଆଦି କାର୍ଯ୍ୟକ୍ରମ ସେମାନଙ୍କୁ ଅଧିକାର ସଚେତନ କରିପାରିଛି ।

ସ୍ୱାତୀର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମୁଖ୍ୟତଃ ମହିଳାଭିମୁଖି । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, କିଶୋରୀ ସ୍ୱାସ୍ଥ୍ୟ, ଗର୍ଭବତୀ ଓ ପ୍ରସୂତୀଙ୍କ ସ୍ୱାସ୍ଥ୍ୟ ଓ ଯତ୍ନ, ମାତୃଗୃହ ଆଦି କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି । ସ୍ୱାତୀ ଭୁବନେଶ୍ୱରର ବସ୍ତି ଅଂଚଳର କିଶୋରୀ ମାନଙ୍କ ସ୍ୱାସ୍ଥ୍ୟ ସଂପର୍କିତ କାର୍ଯ୍ୟକ୍ରମ ମଧ ଗ୍ରହଣ କରିଛି । ଚଳିତ କରୋନା ସମୟରେ ସଚେତନା ଓ ସହାୟତା କ୍ଷେତ୍ରରେ ମହିଳା ମାନେ ଅଗ୍ରଣୀ ଭୂମିକା ହାସଲ କରିଥିଲେ । ଫୁଲବାଣୀ ଓ ଭୁବନେଶ୍ୱରର ମହିଳା ଦଳ ଗୁଡିକ କରୋନା ଲକ୍‌ଡାଉନ୍ ସମୟରେ ଅସହାୟ ଓ ପଥଚାରୀ ମାନଙ୍କୁ ରନ୍ଧା ଖାଦ୍ୟ ବଂଟନ କରିଥିଲେ । ଭୁବନେଶ୍ୱର ମହିଳା ଦଳ ବୁଲା ବ୍ୟବସାୟୀ ଓ ରାସ୍ତାକଡ ବ୍ୟବସାୟୀ ମାନଙ୍କୁ ମାସ୍କ ବାଂଟିବା ସହ କିଶୋରୀ ବାଳିକା ମାନଙ୍କ ନିମନ୍ତେ ସାନିଟାରୀ ନାପ୍‌କିନ୍ ବାଂଟିଥିଲେ । ଗଞ୍ଜାମ ଓ ଫୁଲବାଣୀର ମହିଳା ଦଳ ଗୁଡିକ ନିଜେ ମାସ୍କ ତିଆରି କରି ବାଂଟିବା ସହ ବିକ୍ରୟ କରିଥିଲେ ।

## ମୁକ୍ତ ବିଦ୍ୟାଳୟ ଜାତୀୟ ପ୍ରତିଷ୍ଠାନ

୨୦୧୧ ମସିହାରୁ ସ୍ୱାତୀ ଫଙ୍କସନାଲ୍ ଭୋକେସନାଲ୍ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ସୋସାଇଟି (ଏଫ୍.ଭି.ଟି.ଆର୍.ଏସ୍ ) ସହାୟତାରେ ଏହି କାର୍ଯ୍ୟକ୍ରମ କରି ଆସୁଛି । ୨୦୦୭ ମସିହାରେ ପ୍ରଥମେ ବେକାର ଯୁବକ ଯୁବତୀ ମାନଙ୍କ ପାଇଁ ବୈଷୟିକ ତାଲିମ୍ ନିମନ୍ତେ ସ୍ୱାତୀ ସହ ଏଫ୍.ଭି.ଟି.ଆର୍.ଏସ୍ ର ସଂପର୍କ ଆରମ୍ଭ ହୋଇଥିଲା । ସେମାନଙ୍କ ତତ୍ତ୍ୱାବଧାନରେ ସ୍ୱାତୀ ଜିଲ୍ଲାରେ ଏକ ସର୍ଭେ କରି ୪୮ ପ୍ରତିଶତ  ଛାତ୍ରଛାତ୍ରୀ ଅଧାରୁ ପାଠଛାଡୁଥିବା ଆକଳନ କରିଥିଲା ।

ଏହାପରେ ଏଫ୍.ଭି.ଟି.ଆର୍.ଏସ୍ ସହଯୋଗରେ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀ ଏବଂ ସୁବିଧା ସୁଯୋଗ ଅଭାବରୁ ପାଠଛାଡିଦେଇଥିବା ଛାତ୍ରଛାତ୍ରୀ ମାନଙ୍କ ପାଠ ଓ ପରୀକ୍ଷାର ସୁବିଧା କରିବା ପାଇଁ କ.ନୂଆଗାଁ ବ୍ଲକ୍‌ର ବନ୍ଧଗଡଠାରେ ସ୍ୱାତୀ ତରଫରୁ ମୁକ୍ତ ବିଦ୍ୟାଳୟ ଜାତୀୟ ପ୍ରତିଷ୍ଠାନ ବା ଏନ୍.ଆଇ.ଓ.ଏସ୍ କେନ୍ଦ୍ର ଖୋଲାଗଲା । ଗତ ଛ ବର୍ଷ ଧରି ଏହି ଶିକ୍ଷା କେନ୍ଦ୍ର ଜରିଆରେ ପିଲାମାନଙ୍କ ନାମଲେଖା, ପାଠ୍ୟ ଉପକରଣ ବ୍ୟବସ୍ଥା, ପରୀକ୍ଷା ଦେବା ବ୍ୟବସ୍ଥାର ସୁବିଧା କରାହୋଇ ଆସୁଛି ॥



## ପଞ୍ଚାୟତିରାଜ ଓ ଗୋଷ୍ଠୀ ସଂଗଠନ

ଗୋଷ୍ଠୀ ମଧ୍ୟରେ ସାଂଗଠନିକ ଦୃଢତା ଆଣିବା ଓ ତୃଣମୂଳ ସ୍ତରର ନେତୃତ୍ୱର ବିକାଶ ଘଟାଇବା ଗୋଷ୍ଠୀ ବିକାଶର ଏକ ପ୍ରମୁଖ ଦିଗ । ଗୋଷ୍ଠୀସ୍ତରୀୟ ସଂଗଠନ ଗୁଡିକୁ ଦୃଢ କରିବା ସହ ସେମାନଙ୍କୁ ରାଜନୈତିକ ଓ ଅଧିକାରଗତ ସଚେତନ କରିବା ନିମନ୍ତେ ସ୍ୱାତୀ ପ୍ରାରମ୍ଭରୁ ବିଭିନ୍ନ ସାଂଗଠନିକ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ମାନ ଗ୍ରହଣ କରି ଆସୁଛି । ଅନନ୍ୟା କାର୍ଯ୍ୟକ୍ରମ,  ଅନ୍ତରଙ୍ଗ କାର୍ଯ୍ୟକ୍ରମ ଓ ଭାରତ ନିର୍ମାଣ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆଦି ମାଧ୍ୟମରେ ଗ୍ରାମ୍ୟ ସ୍ତରରୁ ଯୁବ ଓ ମହିଳା ନେତୃତ୍ୱର ବିକାଶ କରି ସେମାନଙ୍କ ଜରିଆରେ ସଂଗଠନାତ୍ମକ ଓ ଅଧିକାର ଭିତିକ କାର୍ଯ୍ୟକ୍ରମ କରାଯାଉଛି । ଏହିସବୁ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ମଧ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥା, ଆଦିବାସୀ ଅଧିକାର, ସମ୍ବଳଗତ ଅଧିକାର, ମୌଳିକ ନାଗରୀକ ଅଧିକାର ଏବଂ ସାମାଜିକ ନ୍ୟାୟ ଓ ସଂହତି ଆଦି ବିଷୟରେ ସଚେତନତା ସୃଷ୍ଟିଟି ହୋଇଛି ଏବଂ ସେମାନଙ୍କର ଗ୍ରାମ୍ୟ ଶାସନ ଓ ପଂଚାୟତିରାଜ ବ୍ୟବସ୍ଥାରେ ସକ୍ରିୟ ସହଭାଗୀତା ବଢିଛି  । ଗ୍ରାମ୍ୟ ସଂଗଠନ ଗୁଡିକ ଦ୍ୱାରା ପେସା ଆଇନ, ଜଙ୍ଗଲଜମି ଅଧିକାର, ମନରେଗା କାର୍ଯ୍ୟ ଅଧିକାର, ତଥ୍ୟ ପାଇବା ଅଧିକାର ଆଦି ବିଷୟରେ ପଦକ୍ଷେପ ମାନ ନିଆଯାଉଛି । ଗାଁରେ ଯୋଜନାଗୁଡିକର କାର୍ଯ୍ୟକାରୀତା ଏବଂ ପରିଚାଳନା ପାଇଁ ଗ୍ରାମ୍ୟ ଉନ୍ନୟନ ସମିତି ମାନ

ଗଢାଯାଇ ସେମାନଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ଯୁବ ଗୋଷ୍ଠୀକୁ ସଂଗଠିତ କରି ଗୋଷ୍ଠୀଗତ ଏକତା ଓ ସଂହତି ସୁରକ୍ଷା ଦିଗରେ ନିୟୋଜିତ କରାଯାଇଛି । ମହିଳା ଦଳ ଗୁଡିକୁ ସଂଗଠିତ କରାଯାଇ ବିକାଶ ପ୍ରକ୍ରିୟାରେ ସେମାନଙ୍କୁ ସାମିଲ କରାଯାଇଛି ଏବଂ ସାମାଜିକ ଲିଙ୍ଗଗତ ପ୍ରଭେଦ ଦୂର କରାଯାଇପାରିଛି । ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ ସୁରକ୍ଷା ଆଦି ପାଇଁ କମିଟି ମାନ ଗଢାଯାଇ ସେମାନଙ୍କ ନେତୃତ୍ୱର ବିକାଶ କରାଯାଇଛି । ପଞ୍ଚାୟତ ସ୍ତରୀୟ ଲୋକ ପ୍ରତିନିଧିମାନଙ୍କୁ ଦକ୍ଷତା ବୃଦ୍ଧି କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ଗ୍ରାମ ସ୍ତରୀୟ ଲୋକ ଯୋଜନା ପ୍ରସ୍ତୁତି, ଗ୍ରାମସଭା ଓ ପଲ୍ଲୀ ସଭା ଆଦି ସଂଚାଳନ ଏବଂ ସାମାଜିକ ସମିକ୍ଷା ଆଦି କାର୍ଯ୍ୟକ୍ରମ ଜରିଆରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦୃଢ କରାଯାଇଛି ।

ଗ୍ରାମ୍ୟ ସଂଗଠନ ଗୁଡିକ ସୁଦୃଢ ହେବା ଫଳରେ ସେମାନେ ଗ୍ରାମସ୍ତରୀୟ ଯୋଜନାର ପରିଚାଳନାଗତ ତୃଟି ସବୁକୁ ସମୀକ୍ଷା କରିପାରୁଛନ୍ତି । ବିଭିନ୍ନ ସରକାରୀ ଅନୀୟମିତତାକୁ ପ୍ରଶ୍ନ କରିବା ସହ ନିଜର ଅଧିକାର ପାଇଁ ସ୍ୱର ଉଠାଉଛନ୍ତି । ପଲ୍ଲୀସଭା, ଗ୍ରାମସଭା ଆଦିରେ ସକ୍ରିୟଭାବେ ଭାଗ ନେଇ ପାରୁଛନ୍ତି । ବିଭିନ୍ନ ଯୋଜନାର ହିତାଧିକାରୀ ଚୟନ, ଗ୍ରାମ୍ୟ ଉନ୍ନୟନ ଯୋଜନା, ଗ୍ରାମ୍ୟ ରୋଜଗାର ଯୋଜନା ଆଦି ପ୍ରସ୍ତୁତ କରି ସ୍ଥାନୀୟ ସରକାରୀ କାର୍ଯ୍ୟାଳୟ ଗୁଡିକ ସହ ସଂପର୍କ ସ୍ଥାପନ କରିପାରୁଛନ୍ତି । ଗ୍ରାମ ଓ ଗୋଷ୍ଠୀ ସ୍ତରୀୟ ନୀତିନିଷ୍ପତିରେ ମହିଳା ମାନଙ୍କ ଭାଗୀଦାରି ମଧ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ।




## ଅଧ୍ୟୟନ ଓ ପ୍ରକାଶନ

ସ୍ୱାତୀ କରୁଥିବା କାର୍ଯ୍ୟକ୍ରମ ଗୁଡିକର ଉପଯୋଗୀତା, ଆବଶ୍ୟକତା ଓ ପ୍ରଭାବ ସଂପର୍କରେ ନୀୟମିତ ଅଧ୍ୟୟନ କରିଥାଏ । ଅନୁଷ୍ଠାନ ନିଜର କାର୍ଯ୍ୟଧାରା, ଅନୁଭୂତି ଓ ବିକଳ୍ପ ଚିନ୍ତାକୁ ସର୍ବସାଧାରଣରେ ପହଂଚାଇବା ପାଇଁ ବିଭିନ୍ନ ଅଧ୍ୟୟନ ଓ ରିପୋର୍ଟ ପ୍ରସ୍ତୁତି, ବୃତଚିତ୍ର ନିର୍ମାଣ, ସଚେତନତା ପାଇଁ ପୋଷ୍ଟର ଓ ପୁସ୍ତିକା ପ୍ରକାଶନ କରିଆସୁଛି । ପୂର୍ବରୁ ସ୍ୱାତୀ ଜୀବନଜୀବିକାକୁ ନେଇ "ଏଇ ମାଟିର କଥା", ସ୍ୱାସ୍ଥ୍ୟ ବିଷୟକୁ ନେଇ "ଜୀବନଧାରା", ବାଲ୍ୟବିବାହ ନିରୋଧ ଆନ୍ଦୋଳନ ଅନୁଭୂତିକୁ ନେଇ "ଅନନ୍ୟା" ଏବଂ ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା ବିଷୟକୁ ନେଇ "ଅଙ୍କୁର" ଏବଂ କରୋନାକାଳୀନ ଅନୁଭୂତିକୁ ନେଇ ଏହା "କରୋନା କାଳର କଥା" ନାମରେ ପୁସ୍ତିକାମାନ ପ୍ରକାଶ କରିଛି । ଅନୁଷ୍ଠାନର ୨୦ ବର୍ଷ ପୂର୍ତି ଅବସରରେ ଏହାର କ୍ରମବିକାଶକୁ ନେଇ ଏକ ଇଂଗ୍ରାଜୀ ରିପୋର୍ଟ ମଧ ପ୍ରକାଶ କରିଛି । ଗତ ବର୍ଷ ସ୍ୱାତୀ ଦ୍ୱାରା କନ୍ଧମାଳର କୃଷି ପରଂପରାକୁ ନେଇ "କନ୍ଧମାଳର ପ୍ରାକୃତିକ କୃଷି" ପୁସ୍ତିକା ପ୍ରକାଶ ପାଇଛି ।

ସେହିପରି ସ୍ୱାତୀ ଜୀବନଜୀବିକା, ସ୍ୱାସ୍ଥ୍ୟ ଓ ଗ୍ରାମୀଣ ବିକାଶର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ବୃତଚିତ୍ର ମାନ ପ୍ରସ୍ତୁତ କରିଛି । ଗ୍ରାମ ସଂଗଠନ, ସ୍ୱାସ୍ଥ୍ୟ, ସରକାରୀ ଯୋଜନା ବିଷୟରେ ଲୋକ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ଜାଗରଣ ସଂଗୀତକୁ ନେଇ ସ୍ୱାତୀ ତରଫରୁ ଦୁଇଟି ସଂଗୀତ ସିଡି ମଧ କରାଯାଇଛି । ଏହାଛଡା ବିଭିନ୍ନ ଯୋଜନା ସଂପର୍କିତ ପୁସ୍ତିକା, ସ୍ୱାସ୍ଥ୍ୟ, ଶିକ୍ଷା, ପଂଚାୟତିରାଜ ଆଦି ସଂପର୍କିତ ପୁସ୍ତିକା ଗୁଡିକର ସଂଗ୍ରହ ମଧ କରି ଗାଁ ସ୍ତରରେ ସୂଚନା କେନ୍ଦ୍ର ଖୋଲାଯାଇ ଲୋକମାନଙ୍କୁ ଯୋଗାଇ ଦିଆଯାଉଛି । ସ୍ୱାତୀର ଏକ ନିଜସ୍ୱ ୱେବ୍‌ସାଇଟ୍ ରହିଛି ଏବଂ ସେଥିରେ ସ୍ୱାତୀ ସଂପର୍କୀତ ସମସ୍ତ ସୂଚନା ସମସ୍ତଙ୍କ ପାଇଁ ଉପଲବ୍ଧ ।

## ଅନୁରୋଧ

ସ୍ୱାତୀ ଏକ ବିକାଶ ଅନୁଷ୍ଠାନ ହିସାବରେ ସ୍ୱଚ୍ଛ ଓ ଉତ୍ତରଦାୟିତ୍ୱର ସହ ଗୋଷ୍ଠୀ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟକରି ଆସୁଛି । ଗ୍ରାମାଂଚଳର ଅସୁରକ୍ଷିତ ଅବସ୍ଥାରେ ରହୁଥିବା ଅସହାୟ ବୃଦ୍ଧବୃଦ୍ଧାମାନଙ୍କ ପାଇଁ ଆବାସିକ କେନ୍ଦ୍ରଟିଏ ଖୋଲିବାର ସଂକଳ୍ପ ରହିଛି ସ୍ୱାତୀର । ସ୍ୱାତୀର ଏହି ପ୍ରଚେଷ୍ଟାରେ ସାମିଲ୍ ହୋଇ ସହଯୋଗ ଓ ସହାୟତାର ହାତ ବଢାଇବାକୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସ୍ୱାତୀ ଅନୁରୋଧ କରୁଛି ।

## ବିଧିସମ୍ମତ ଆନୁଷ୍ଠାନିକ ତଥ୍ୟ

ବିଧିସମ୍ମତ ଆୟବ୍ୟୟ ସମୀକ୍ଷକ – ମେସର୍ସ ଅନିଲ୍ ପାତ୍ର ଏବଂ ସହଯୋଗୀ, ଭୁବନେଶ୍ୱର

ଆନୁଷ୍ଠାନିକ ସମୀକ୍ଷକ – ରାଜେଶ କୁମାର ସାହୁ ଏଣ୍ଡ କୋ, ଭୁବନେଶ୍ୱର

ଆଇନ ପରାମର୍ଶଦାତା - ଆଇନଜୀବୀ ଶ୍ରୀ ରତିକାନ୍ତ ମହାପାତ୍ର, ଭୁବନେଶ୍ୱର

ବ୍ୟାଙ୍କ – ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପାବୁରିଆ, ଗୁଟିଙ୍ଗିଆ, ସାରଙ୍ଗଡ, ଜି.ଉଦୟଗିରି, ଫୁଲବାଣୀ, ତୁମୁଡିବନ୍ଧ ଓ ବ୍ରହ୍ମପୁର, ୟୁ.ଜି.ବି - ଫୁଲବାଣୀ/ ବେଲଘର, ଆନ୍ଧ୍ର ବ୍ୟାଙ୍କ – ଗୋଷାଣୀ ନୂଆଗାଁ, ପୋଡାମାରୀ

## ସ୍ୱାତୀର ପରିଚାଳନା ବୋର୍ଡ ସଭ୍ୟ/ସଭ୍ୟା

| ପରିଷଦ ସଭ୍ୟ/ସଭ୍ୟାଙ୍କ ନାମ | ପରିଷଦ ସଭ୍ୟ/ସଭ୍ୟାଙ୍କ ଠିକଣା | ପରିଷଦରେ ପଦବୀ |
|---|---|---|
| ଶ୍ରୀ ପ୍ରଶାନ୍ତ ଶତପଥି | ପ୍ଲଟ୍ ନଂ – ୨୧୯/୧୩୮୬/୨୬୩୨, ଭୁବନେଶ୍ୱର- ୭୫୧୦୦୧, ଖୋର୍ଦ୍ଧା, ଓଡିଶା, ଫୋନ୍ – ୯୪୩୭୨୪୨୮୭୨, E-mail: prasantasatapathy@gmail.com | ଅଧ୍ୟକ୍ଷ |
| ଶ୍ରୀମତୀ ରଶ୍ମିରେଖା ଖଟୁଆ | ନାରାୟଣୀ ରୋଡ୍, ଫୁଲବାଣୀ – ୭୬୨୦୦୧, କନ୍ଧମାଳ ଫୋନ୍ – ୯୪୩୮ ୦୬୧୧୦୮, E-mail: bnkhatua@rediffmail.com | ଉପାଧ୍ୟକ୍ଷା |
| ଇଂ ହରିଶଙ୍କର ରାଉତ | ପ୍ରଧାନ କଲୋନୀ, ପୋ – ଜି.ଉଦୟଗିରି – ୭୬୨୧୦୦, କନ୍ଧମାଳ, ଓଡିଶା, ଫୋନ୍ – ୯୪୩୭୧୮୬୧୨୮, E-mail: swati_pab@yahoo.co.in | ସଂପାଦକ |
| ଶ୍ରୀ ଶାନ୍ତନୁ କୁମାର ମିଶ୍ର | ଅମଲାପଡା, ଫୁଲବାଣୀ – ୭୬୨୦୦୧, କନ୍ଧମାଳ, ଓଡିଶା ଫୋନ୍ – ୯୪୩୭୧୯୨୩୬୫, E-mail: par ibes_plb96@rediffmail.com | କୋଷାଧ୍ୟକ୍ଷ |
| ଶ୍ରୀମତୀ ପ୍ରେମସୀ ନାୟକ | ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା, ଜିଲ୍ଲା ଗ୍ରାମ୍ୟଉନ୍ନୟନ କାର୍ଯ୍ୟାଳୟ, ଜଗତସିଂହପୁର ଫୋନ୍ - ୯୪୩୭୩୫୯୩୮୧ | ପରିଚାଳନା ପରିଷଦ ସଭ୍ୟା |
| ଶ୍ରୀମତୀ ସୁଜାତା ମହାପାତ୍ର | କେ – ୪, ଏଲ୍.ଆଇ.ଜି – ୭୪୪, କଳିଙ୍ଗନଗର, ପୋ - ପାତ୍ରପଡା, ଭୁବନେଶ୍ୱର- ୭୫୧୦୧୯, ଖୋର୍ଦ୍ଧା, ଓଡିଶା, ଫୋନ୍ – ୯୮୬୧୭୩୨୮୫୮ E-mail- Sujjiosam@gmail.com | ପରିଚାଳନା ପରିଷଦ ସଭ୍ୟା |
| ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର | ସା/ପୋ – ଟିକାବାଲି, ଜି – କନ୍ଧମାଳ – ୭୬୨୦୧୦, ଫୋନ୍ - ୯୪୩୭୭୬୫୧୬୭ | ପରିଚାଳନା ପରିଷଦ ସଭ୍ୟ |
| ଶ୍ରୀମତୀ ସାନ୍ତନା ନାୟକ | ନୂଆସାହି, ପୋ – ଜି.ଉଦୟଗିରି, ୭୬୨୧୦୦, କନ୍ଧମାଳ ଫୋନ୍ - ୯୪୩୮୦୪୩୬୮୦ | ସାଧାରଣ ପରିଷଦ ସଭ୍ୟା |
| ଶ୍ରୀ ଲାଲନନ୍ଦ ପ୍ରଧାନ | ସା/ପୋ - ପାଦେରିପଡା, ତଳବଣ୍ଡିକିଆ, ଭାୟା – ବନ୍ଧଗଡ କନ୍ଧମାଳ, ଓଡିଶା, ଫୋନ୍ - ୯୪୩୯୨୬୭୧୦୪ | ସାଧାରଣ ପରିଷଦ ସଭ୍ୟ |
| ଶ୍ରୀ ଜୀମୂତ ପ୍ରସାଦ ମିଶ୍ର | ଏମ୍.ଆଇ.ଜି – ୨, ୨୭/୧, ଓ.ଏସ.ଏଚ୍.ବି କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡିଶା, ଫୋନ୍– ୯୩୩୭୧୦୩୯୩୦ E-mail- jimutamishra@gmail.com | ସାଧାରଣ ପରିଷଦ ସଭ୍ୟ |
| ଶ୍ରୀ ପ୍ରଶାନ୍ତ କୁମାର ଦାଶ | ନୂଆସାହି, ପୋ – ଜି.ଉଦୟଗିରି, ୭୬୨୧୦୦, କନ୍ଧମାଳ ଫୋନ୍ – ୭୭୫୦୦୦୯୫୦୦, E-mail –tukuonly@gmail.com | ସାଧାରଣ ପରିଷଦ ସଭ୍ୟ |